
ଆଞ୍ଚଳିକ ଖବର
ANCHALIKA KHABAR
R.N.I. No- ODIODI/2009/31535
Volume-18, Issue-69, Saturday, 18 JULY 2026, Bhubaneswar, Page-08, Price-7/-
ବର୍ଷ-୧୮, ସଂଖ୍ୟା-୬୯, ଶନିବାର, ୧୮ ଜୁଲାଇ ୨୦୨୬ ଭୁବନେଶ୍ୱର, ପୃଷ୍ଠା-୦୮, ମୂଲ୍ୟ-୭/

## ସାପୁଆରେ ପ୍ରଥମ ବନ୍ୟାଜଳ: ୱାର୍ଡରେ ପଶିଲା ପାଣି



**ଆଠଗଡ, ୧୬/୭(ଖବର):** ଲଗାଣ ବର୍ଷା ଫଳରେ ଆଠଗଡ଼ ସହର ଦେଇ ବହିଯାଉଥିବା ସାପୁଆ ନଈରେ ଗୁରୁବାର ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଆଠଗଡ଼ ଏନଏସି ଅନ୍ତର୍ଗତ ୨ନମ୍ବର,୩ନମ୍ବର ଓ ୪ ନମ୍ବର ୱାର୍ଡର ବିଭିନ୍ନ ସାହି ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଦେଖିବାକୁ ମିଳିଛି। ସାପୁଆ ବ୍ରିଜ ଉପରେ ସାଧାରଣ ଜନତା ପ୍ରବାହିତ ବନ୍ୟା ଜଳ ବଢୁଥିବା ଅପରାହ୍ନରେ ଦେଖିବାକୁ ପାଇଥିଲେ। ୩ ନମ୍ବର ଓ ୪ ନମ୍ବର ୱାର୍ଡରେ କିଛି ଘରର ପାହାଚ ବୁଡ଼ି ଯାଇଥିବା ଏବଂ ଘର ବାହାରକୁ ଆସିବାବେଳେ ଆଣ୍ଠୁଏ ପାଣିରେ ପଶିବାକୁ ପଡୁଛି। ଖବର ଲେଖା ଯିବା ବେଳକୁ ପାଣି ବଢୁଥିବା ଦେଖିବାକୁ ମିଳିଛି। ତେଣୁ ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।ପ୍ରଶାସନ ପକ୍ଷରୁ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ପ୍ରକାଶ ପାଇଛି।



ପୁରୀ: ଶ୍ରୀକ୍ଷେତ୍ରରେ ଭାବମୟ ପରିବେଶ: ଭକ୍ତ, ଭଗବାନ ଏକାଠି

# ଭକ୍ତ-ଭଗବାନଙ୍କ ଅପୂର୍ବ ମିଳନ

## ଶ୍ରୀଗୁଣ୍ଡିଚା: ରତ୍ନବେଦୀରୁ ଜନ୍ମବେଦୀ ଅଭିମୁଖେ ମହାପ୍ରଭୁ

- ମାତ୍ର ଦୁଇ ହାତ ଗଡ଼ିଲା ନନ୍ଦିଘୋଷ,୧୮ରେ ଆଡ଼ପ ମଣ୍ଡପ ବିଜେ
- ଝିପିଝିପି ବର୍ଷାରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ
- ମାର୍କେଟ ଛକରେ ତାଳଧ୍ୱଜ, ମରୀଚିକୋଟ ଛକରେ ଦର୍ପଦଳନ
- ହୁଳହୁଳି, ହରିବୋଲ, ଶଙ୍ଖଧ୍ୱନିରେ ଭାବଭକ୍ତିମୟ ପରିବେଶ
- ଘଣ୍ଟାଏ ବିଳମ୍ବରେ ରଥଟଣା
- ରଥ ଟାଣିଲେ ମୁଖ୍ୟମନ୍ତ୍ରୀ
  ଆଜି ସକାଳ ସାଢ଼େ ନଅଟାରେ ହେବ ରଥଟଣା



**ପୁରୀ ୧୬।୭(ଖବର):** ଚତୁର୍ଦ୍ଧା ମୂର୍ତ୍ତିଙ୍କର ଆଜି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ବଡଦାଣ୍ଡ ଜନସମୁଦ୍ର ପାଲଟିଥିଲା। ଭାବଭକ୍ତି ପୂର୍ଣ୍ଣ ପରିବେଶରେ ଉଛୁଳିଥିଲା ଶ୍ରୀକ୍ଷେତ୍ର । ପହଣ୍ଡି ବେଳେ ବର୍ଷାରେ ଭିଜିଥିଲେ ଶ୍ରୀଜୀଉମାନେ , ଶ୍ରଦ୍ଧାଳୁ ବି । ବଡଦାଣ୍ଡରେ ଅସଂଖ୍ୟ ଶ୍ରଦ୍ଧାଳୁ ଛତା ଧରି ଉପସ୍ଥିତ ରହି ଭାବଭକ୍ତିରେ ଭିଜିଥିଲେ। ଭକ୍ତ-ଭଗବାନ ଏକାକାର ହୋଇଥିଲେ। ରତ୍ନବେଦୀରୁ ଏହି ଯାତ୍ରା ଥିଲା ଜନ୍ମବେଦୀ ଅଭିମୁଖେ। ପ୍ରତ୍ୟୁଷରୁ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ମଙ୍ଗଳ ଆଳତି ଅନୁଷ୍ଠିତ ହେବା ପରେ ଖେଚଡି ଭୋଗ ହୋଇଥିଲା। ଶ୍ରୀମନ୍ଦିର ପୁରୋହିତ ରଥ ପ୍ରତିଷ୍ଠା କରିଥିଲେ । ପରେ ବିଜେ କାହାଳି ବାଜିବା ପରେ ଶ୍ରୀଜୀଉମାନଙ୍କର ଧାଡି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା । ବଳଭଦ୍ରଙ୍କୁ ପହଣ୍ଡି କରି ସିଂହଦ୍ୱାରକୁ ଅଣାଯାଇ ତାଳଧ୍ୱଜ ରଥରେ ବିଜେ କରାଯାଇଥିଲା। ପରେ ଦେବୀ ସୁଭଦ୍ରାଙ୍କୁ ପହଣ୍ଡି କରି ଦଇତା ସେବକମାନେ ଦର୍ପଦଳନ ରଥରେ ବିଜେ କରାଇଥିଲେ । ପରେ ଆରମ୍ଭ ହୋଇଥିଲା ଶ୍ରୀଜଗନ୍ନାଥଙ୍କର ପହଣ୍ଡି । ସାତପାହାଚକୁ ଆସିଲା ପରେ ଟାହିଆ ଲାଗି କରାଯାଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ ଆନନ୍ଦ ବଜାର ଦେଇ ବାଇଶି ପାହାଚ ଉପରକୁ ଆସି ସିଂହଦ୍ୱାରକୁ ଆସିଥିଲେ ପରେ ତାଙ୍କୁ ନନ୍ଦିଘୋଷ ରଥରେ ରଥାରୂଢ଼ କରାଯାଇଥିଲା । ତେବେ ରଥାରୂଢ଼ ବେଳକୁ ଶ୍ରୀଜଗନ୍ନାଥଙ୍କ ଠାରେ ଟାହିଆ ଦେଖିବାକୁ ମିଳିନଥିଲା। ସକାଳୁ ପ୍ରବଳ ବର୍ଷା ଲାଗି ରହିଥିଲେ ସୁଦ୍ଧା ଭକ୍ତ ଓ ଜଗନ୍ନାଥଙ୍କ ମଧ୍ୟରେ କୌଣସି ବାଧା ସୃଷ୍ଟି ହୋଇପାରିନଥିଲା। ଭକ୍ତମାନେ ବର୍ଷାରେ ଭିଜି ମହାପ୍ରଭୁଙ୍କର ଏଇ ଦୁର୍ଲଭ ପହଣ୍ଡି ଦେଖିବା ପାଇଁ ରୁଣ୍ଡ ହୋଇଥିଲେ । ତେବେ ବର୍ଷା କାରଣରୁ ଶ୍ରୀଜିଉଙ୍କୁ ଗିଲାପ ପିନ୍ଧାଯାଇଥିଲା। ପହଣ୍ଡି ସମୟରେ ବଡଦାଣ୍ଡ ହୁଳହୁଳି, ହରିବୋଲ, ଶଙ୍ଖଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା । ସିଂହଦ୍ୱାରଠାରୁ ଭକ୍ତିମୟ ହୋଇଯାଇଥିଲା ବଡଦାଣ୍ଡ। ବର୍ଷା ସତ୍ତ୍ୱେ ସିଂହଦ୍ୱାର ଜନସମୁଦ୍ରରେ ପରିଣତ ହୋଇଥିଲା । ତୁହାକୁ ତୁହା ବର୍ଷା ଲାଗି ରହିଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ଜଗା ପ୍ରେମରେ ମଜି ଯାଇ ବଡଦାଣ୍ଡରେ ଛିଡା ହୋଇଯାଇଥିଲେ । ପହଣ୍ଡି ସମୟରେ ସିଂହଦ୍ୱାର ସମ୍ମୁଖରେ ଓଡ଼ିଶୀ ନୃତ୍ୟାଙ୍ଗନାମାନେ ନୃତ୍ୟ ପରିବେଷଣ କରିବା ଦେଖାଯାଇଥିଲା। ସେହିପରି ହନୁମାନ ଓ ଅନ୍ୟାନ୍ୟ ଦେବାଦେବୀ ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କର ମନୋରଞ୍ଜନ କରୁଥିଲେ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁ । ବହୁ ସଂକୀର୍ତ୍ତନ ମଣ୍ଡଳୀ ଭାବବିହ୍ୱଳ ହୋଇ ସଂକୀର୍ତ୍ତନ କରିବା ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା । ଦିନ ୨ ଟା ସୁଦ୍ଧା ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇଥିଲେ । ପରେ ଶ୍ରୀମନ୍ଦିରରୁ ଶ୍ରୀ ନଅରକୁ ନିମନ୍ତ୍ରଣ ଯିବା ପରେ ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ପାରମ୍ପରିକ ବେଶରେ ଶ୍ରୀନଅରରୁ ଏକ ରୌପ୍ୟ ଖଚିତ ବାହନରେ ବସି ଛତି ତରାସ ଓ ତେଲଙ୍ଗି ବାଦ୍ୟ ସହ ଏକ ପଟୁଆରରେ ରଥ ନିକଟକୁ ଆସିଥିଲେ । ତିନି ରଥରେ ଗଜପତି ମହାରାଜ ଶ୍ରୀଜୀଉମାନଙ୍କୁ ରଥରେ ବନ୍ଦାଇବା ସହ ଛେରା ପହଁରା କରିଥିଲେ। ଛେରା ପହଁରା କାର୍ଯ୍ୟ ସରିବା ପରେ ସାରଥୀ ରଥ ଉପରକୁ ଉଠାଯାଇଥିଲା । ପରେ ଘୋଡା ଯଚା ଯିବା ପରେ ରଥରେ ଦଉଡି ଲଗା ଯାଇଥିଲା ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାଯାଇଥଲା । ନିର୍ଦ୍ଧାରିତ ୪ ଟା ପରିବର୍ତ୍ତେ ଘଣ୍ଟାଏ ବିଳମ୍ବରେ ତାଳଧ୍ୱଜ ଓ ଦର୍ପଦଳନ ରଥଟଣା ହୋଇଥିଲା। ରଥଟଣା ଆନନ୍ଦ ଉଲ୍ଲାସ ମଧ୍ୟରେ ରଥକୁ ଟାଣି ନେଇଥିଲେ ଶ୍ରଦ୍ଧାଳୁ ।

### ଅଣନିଶ୍ୱାସୀ ହୋଇ ୨ ମୃତ !

**ପୁରୀ,୧୬।୭(ଖବର):** ଆଜି ରଥଯାତ୍ରା ସମୟରେ ଅଘଟଣ ଘଟି ୨ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ମରୀଚିକୋଟ ଛକରେ ଅତ୍ୟଧିକ ଭିଡ଼ ହୋଇଥିବାରୁ ଜଣେ ଭକ୍ତ ତଳେ ପଡିଯାଇ ଅଣନିଶ୍ୱାସୀ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଶ୍ରଦ୍ଧାଳୁ ଜଣଙ୍କ କଟକର ବୋଲି ଜଣାଯାଏ । ସେହିଭଳି ଅଣନିଶ୍ୱାସୀ କାରଣରୁ ଆଉ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେସରକାରୀ ସୂତ୍ରରୁ ପ୍ରକାଶ। ପ୍ରାୟ ୫୦ ରୁ ଅଧିକ ଠେଲାପେଲାରେ ଆହତ ହୋଇ ଭର୍ତ୍ତି ହୋଇଛନ୍ତି ।

### ଖଟି ଖବର



(ଉଲ୍ଲୁ-ଉବାଚ) (ଦେବାଶିଷ)

ବହି ଭୁଲ ଥିଲେ କେହି କହିଲେନି
ସାମ୍ବାଦିକ କହିଦେଲେ
କହୁ କହୁ ପାଟି ସ୍ଲିପ ହେଇଗଲେ
ସବୁ କଥା ଧରିନେଲେ
ଘଟଣା ଜାଣିବା ହେଲେ...
ଗୋଟିଏ ଭୁଲ ଘୋଡାଉ ଘଡାଉ
କେଶ ଟାକୁ ଠୁକି ଦେଲେ ।

### ଆହୁରି ୨ ଦିନ ବର୍ଷାର ପ୍ରକୋପ

||||||||||||||||| ନୂଆ ରୋଡ୍‌ମ୍ୟାପ୍ ଲାଗି ପ୍ରସ୍ତୁତି |||||||||||||||||

## ବଢ଼ିବ ନ୍ୟାୟ ପ୍ରଦାନ ପ୍ରକ୍ରିୟା

### ନିଜେ ମାମଲା ଲଢୁଥିବା ବ୍ୟକ୍ତିଙ୍କୁ ମିଳିବ ନୂଆ ସୁବିଧା

ନୂଆଦିଲ୍ଲୀ,୧୬।୭: ସୁପ୍ରିମକୋର୍ଟ ବହୁ ଦିନ ଧରି ପଡ଼ି ରହିଥିବା ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଅଗଷ୍ଟ ମାସରେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜିତ ହେବ ଓ ଏଥିରେ ପ୍ରାୟ ୧୦୦ଟି ବେଞ୍ଚ ମାମଲା (ଏକାଧିକ ସମାନ ମାମଲାର ସମୂହ) କୁ ପ୍ରାଥମିକତା ଦେଇ ଶୁଣାଣି କରାଯିବ। ଏହା ମାଧ୍ୟମରେ ପ୍ରାୟ ୯,୧୭୭ଟି ମାମଲାର ସମାଧାନ ପାଇଁ ପ୍ରସ୍ତୁତି କରାଯାଇଛି। ଅଦାଲତରେ ପଡ଼ି ରହିଥିବା ମାମଲାର ବୋଝ କମାଇବା ଏବଂ ନ୍ୟାୟିକ ପ୍ରକ୍ରିୟାକୁ ଅଧିକ ଦ୍ରୁତ ତଥା ଶୃଙ୍ଖଳିତ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୧୫ ଜୁଲାଇ ୨୦୨ରେ ଅନୁଷ୍ଠିତ ଫୁଲ୍ କୋର୍ଟ (ସମସ୍ତ ବିଚାରପତିଙ୍କ



ବୈଠକ) ବୈଠକରେ ସ୍ଥିର କରାଯାଇଛି ଯେ, ଆସନ୍ତା ଅଗଷ୍ଟ ୨୧, ୨୨ ଏବଂ ୨୩ ତାରିଖରେ 'ସମାଧାନ ସମାରୋହ' ଅଧୀନରେ ବିଶେଷ ଲୋକ ଅଦାଲତ ଆୟୋଜନ କରାଯିବ। ଏଥିରେ ସୁପ୍ରିମକୋର୍ଟର ସମସ୍ତ ବିଚାରପତି ଅଂଶଗ୍ରହଣ କରିବେ। ନୋଟିସ ଜାରି ହେବା

**ହଜାରହଜାର ମାମଲାର ହେବ ସମାଧାନ**

ଦିନଠାରୁ ପଡ଼ି ରହିଥିବା ସବୁଠାରୁ ପୁରୁଣା ମାମଲାଗୁଡ଼ିକର ଶୁଣାଣି ପ୍ରତି ସପ୍ତାହର ମଙ୍ଗଳବାର, ବୁଧବାର ଏବଂ ଗୁରୁବାର କରାଯିବ। ଏହା ବ୍ୟତୀତ ମାମଲାର ତାଲିକା ଅର୍ଥାତ୍ 'କଜ୍ ଲିଷ୍ଟ' କୁ ଅଧିକ ସରଳ ଓ ଶୃଙ୍ଖଳିତ କରିବା ପାଇଁ ସୁପ୍ରିମକୋର୍ଟର ବିଚାରପତିମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ, ଯାହା ବ୍ୟବସ୍ଥାର ସୁଧାର ପାଇଁ ପରାମର୍ଶ ଦେବ।

● ହସ୍ପିଟାଲ ଯିବେ ସ୍ୱାସ୍ଥ୍ୟମନ୍ତ୍ରୀ: ମୁଖ୍ୟମନ୍ତ୍ରୀ

## ଆହତଙ୍କୁ ମିଳିବ ସର୍ବୋତ୍ତମ ଚିକିତ୍ସା

**ଭୁବନେଶ୍ୱର,୧୬।୭(ଖବର):** ଶ୍ରୀକ୍ଷେତ୍ରରେ ରଥଯାତ୍ରା ସମୟରେ ଭକ୍ତଙ୍କ ଅତ୍ୟଧିକ ଭିଡ଼ ଯୋଗୁଁ ଘଟିଥିବା ଠେଲାପେଲାରେ ୨ ଜଣ ଭକ୍ତଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ଏହି ଅଘଟଣକୁ ରାଜ୍ୟ ସରକାର ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି । ଘଟଣା ସମ୍ପର୍କରେ ହସ୍ପଟାଲ ଯାଇ ପଚାରି ବୁଝିବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ, ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ହସ୍ପିଟାଲକୁ ଯାଇ ମୃତକଙ୍କ ପରିବାରବର୍ଗଙ୍କୁ ଭେଟିବା ସହ ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ନେଇ ସମୀକ୍ଷା କରିବେ । ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ସରକାର ଏହି ଦୁର୍ଭାଗ୍ୟଜନକ ଅଘଟଣରେ ଗଭୀର ମର୍ମାହତ । ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲେ ମଧ୍ୟ ଏଭଳି ପରିସ୍ଥିତି ଉପୁଜିବା ଅତ୍ୟନ୍ତ ଦୁଃଖଦାୟକ ।ମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ମାଗିଛନ୍ତି । ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ଭକ୍ତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରଥଯାତ୍ରା ପରି ଏକ ବୃହତ୍ କାର୍ଯ୍ୟକ୍ରମରେ ଭକ୍ତଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା, ତେଣୁ ଏହି ଘଟଣାର କାରଣ ଖୋଜି ବାହାର କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ବିଭାଗକୁ ମଧ୍ୟ ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ସତର୍କ ରହିବାକୁ କୁହାଯାଇଛି ।



ମୁଖ୍ୟମନ୍ତ୍ରୀଙ୍କ ଭଲ ପଦକ୍ଷେପ
ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ସତର୍କ ରହିବାକୁ କୁହାଯାଇଛି

# ଆଖି ନାଲି ପଡିଥିଲେ କରୁଛନ୍ତି କି ଅଣଦେଖା



ବେଳେବେଳ କିଛି ଲୋକଙ୍କ ଆଖି ପ୍ରାୟତଃ ନାଲି ଦେଖାଯାଏ । ନାଲି ଆଖିର କାରଣ କଣ ଏବଂ ଏହା ଘରୋଇ ଉପଚାର ମାଧ୍ୟମରେ କିପରି ଠିକ ହୋଇପାରିବ ଆସନ୍ତୁ ଜାଣିବା ।ବେଳେବେଳ କିଛି ଲୋକଙ୍କ ଆଖି ପ୍ରାୟତଃ ନାଲି ଦେଖାଯାଏ । ଆଖି ନାଲି ଥକାପଣ କାରଣରୁ ହୋଇଥାଏ । ଲାପଟପ କିମ୍ବା ଫୋନ ଅଧିକ ସମୟ ଧରି ଦେଖିବା ଦ୍ୱାରା ଆଖି ନାଲି ପଡିବାର ବଡ କାରଣ ହୋଇଥାଏ । ଅନେକ ଜୀବାଣୁ ମଧ୍ୟ ଏହି ସମସ୍ୟା ସୃଷ୍ଟି କରିପାରନ୍ତି । ଏହାଦ୍ୱାରା ଆଖି ପୋଡିବା ସହ ଯନ୍ତ୍ରଣା ମଧ୍ୟ ହୋଇଥାଏ । ତେବେ ନାଲି ଆଖିର କାରଣ କଣ ଏବଂ ଏହା ଘରୋଇ ଉପଚାର ମାଧ୍ୟମରେ କିପରି ଠିକ ହୋଇପାରିବ ଆସନ୍ତୁ ଜାଣିବା । ସଂକ୍ରମଣ କାରଣରୁ ଆଖି ନାଲି ପଡିଥାଏ । କୌଣସି ପ୍ରକାର ଭାଇରସ ବା ବ୍ୟାକ୍ଟେରିଆ ଆଖିକୁ ନାଲି କରିଦେଇଥାନ୍ତି । ଏହି ସଂକ୍ରମଣ ପାଇଁ ଆଖିରେ ପାଣି ବାହାରିଥାଏ । ଆଖିର ନାଲିପଣ ଏଲାର୍ଜି କାରଣରୁ ହୋଇଥାଏ । କିଛି ଲୋକଙ୍କୁ ଫୁଲର ବାସ୍ନା ପାଇଁ ଏଲାର୍ଜି ହୋଇଥାଏ । ଏହାଦ୍ୱାରା ବ୍ୟାପୁଥିବା ଏଲାର୍ଜି ପାଇଁ ଏବଂ ମାଟି ଧୂଳି ଉଡି ଆଖି ନାଲି ପଡିଥାଏ । କଣ୍ଟାକ୍ଟ ଲେନ୍ସ ବ୍ୟବହାର କାରଣରୁ ମଧ୍ୟ ଆଖି ନାଲି ପଡିଯାଏ । କିଛି ସମୟରେ ଲେନ୍ସକୁ ଆଖିରେ ଲଗାଇବା ଦ୍ୱାରା ଇନଫେକ୍ସନ ହୋଇ ଆଖି ପୋଡେ । ଯଦି ଆପଣ ଲେନ୍ସକୁ ରାତିରେ ପିନ୍ଧିକି ଶୋଉଛନ୍ତି ତେବେ ଏହା କ୍ଷତିକାରକ ହୋଇପାରେ । ଏହି କାରଣରୁ ଆଖିରେ ଥିବା କର୍ଣ୍ଣିଆ ଫୁଲିଥାଏ । ଯଦି ଆଖି ସର୍ବଦା ନାଲି ହୋଇ ରହୁଛି ତେବେ ଏହା ପଛରେ ବ୍ଲେଫରାଇଟିସ ନାମକ ଏକ ଭୟାନକ ରୋଗ ହୋଇପାରେ । ଏଥିରେ ଆଖିପତା କୁଣ୍ଡାଇ ହୋଇ ନାଲି ହୋଇଯାଏ । ବ୍ଲେଫରାଇଟିସ ରୋଗ ଖରାପ ବ୍ୟୁଟି ପ୍ରଡକ୍ଟ କାରଣରୁ ହୋଇଥାଏ । ଏକ୍ସପାୟର ବ୍ୟୁଟି ପ୍ରଡକ୍ଟ ଯଦି ଆଖିରେ ଲାଗାଉଛନ୍ତି ତେବେ ଏହି ରୋଗର ସାମ୍ନା କରିବାକୁ ପଡିଥାଏ । ନାଲି ପଡୁଥିବା ଆଖିର ଯଦି ଚିକିତ୍ସା କରାଯାଏ ନାହିଁ ତେବେ ଏହା ଏକ ଗମ୍ଭୀର ରୂପ ଧାରଣ କରିଥାଏ । ଠିକ ସମୟରେ ଏହାର ଯତ୍ନ ନେବା ନିହାତି ଆବଶ୍ୟକ । ନାଲି ଆଖି ହେବା ଦ୍ୱାରା କିଛି ସାବଧାନତା ଅବଲମ୍ବନ କରିବା ନିହାତି ଆବଶ୍ୟକ । ଏଥିପାଇଁ ପ୍ରଥମେ ହାତକୁ ଭଲଭାବେ ଧୋଇ ନିଅନ୍ତୁ । ଏହାପରେ ଆଣ୍ଟି ବ୍ୟାକ୍ଟେରିଆଲ ଡ୍ରପକୁ ଆଖିରେ ପକାନ୍ତୁ ।

# ଆପଣ ସୁସ୍ଥ ଅଛନ୍ତି କି ନାହିଁ



ନୂଆଦିଲ୍ଲୀ: ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ, ଭଲ ନିଦ ଓ ଚିନ୍ତାମୁକ୍ତ ରହିବା ନିହାତି ଆବଶ୍ୟକ ହୋଇଥାଏ। ଯଦି ଆପଣ ଏସବୁ ଦିଗ ପ୍ରତି ଧ୍ୟାନ ଦେବେ ତେବେ ଏକ ସୁସ୍ଥ ଜୀବନଯାପନ କରି ପାରିବେ। ଏମିତି କିଛି ଲକ୍ଷଣ ରହିଛି ଯାହାକି ଏକ ସୁସ୍ଥ ଶରୀରକୁ ସୂଚିତ କରିଥାଏ। ପ୍ରଥମତଃ ଆପଣଙ୍କୁ ଶୋଇବା ସମୟରେ ଯଦି ୩୦ମିନିଟ ମଧ୍ୟରେ ନିଦ ଆସି ଯାଉଛି ତେବେ ଏହା ଏକ ସୁସ୍ଥ ଶରୀର ଲକ୍ଷଣ ହୋଇଥାଏ। ସେହିପରି ମହିଳାମାନଙ୍କ କ୍ଷେତ୍ରରେ ଯଦି ୨୧ରୁ ୪୫ ଦିନ ମଧ୍ୟରେ ଋତୁସ୍ରାବ ଆସୁଛି। ତେବେ ଏହା ବି ସୁସ୍ଥ ଶରୀର ଏକ ସଙ୍କେତ ରହିଛି। ଏଥିସହିତ ଦିନ ଭିତରେ ଆପଣ ଆପଣଙ୍କ ଦୈନଦିନ କାମ କରିବା ସମୟରେ ଯଦି କ୍ଳାନ୍ତ ଅନୁଭବ କରୁ ନାହାନ୍ତି ତେବେ ଆପଣ ସୁସ୍ଥ ଅଛନ୍ତି ବୋଲି ଜାଣି ରଖନ୍ତୁ। ସେହିପରି କେ ?ୗଣସି ଜିନିଷକୁ ଯଦି ଆପଣ ସହଜରେ ମନେ ରଖି ପାରୁଛନ୍ତି, ଏହା ଏକ ସୁସ୍ଥ ମସ୍ତିଷ୍କର ସଙ୍କେତ ଅଟେ। ଏହି କ୍ରମରେ ପ୍ରତିଦିନ ମଳତ୍ୟାଗ କଲା ବେଳେ ଯଦି କୌଣସି ଅସୁବିଧା ହେଉନାହିଁ, ଏହାବି ଶରୀର ସୁସ୍ଥ ଥିବାକୁ ସୂଚିତ କରେ। ଶିଢ଼ି ଚଢ଼ିବା ସମୟରେ ଯଦି ଜୋ ?ରଜୋରରେ ନିଶ୍ୱାସ ଚାଲୁ ନାହିଁ ତେବେ ଏହା ସୁସ୍ଥ ହୃଦୟର ସଙ୍କେତ ଦିଏ। ସେହିପରି କୌଣସି ସ୍ଥାନରେ ଆଘାତ ଲାଗିଲେ ଯଦି ଘା’ ଠିକ ସମୟରେ ଶୁଖିଯାଉଛି, ତେବେ ଜାଣି ରଖନ୍ତୁ ଶରୀରର ଇମ୍ୟୁନି ସିଷ୍ଟମ ଠିକ ଅଛି। ଚର୍ମ ଯଦି କୁଣ୍ଡେଇ ହେଉ ନାହିଁ କି ବ୍ରଣ ସମସ୍ୟା ନାହିଁ ଜାଣି ରଖନ୍ତୁ ଶରୀର ସୁସ୍ଥ ଅଛି । କାରଣ ଶରୀର ଭିତରେ କୌଣସି ଅସୁବିଧା ଥିଲେ ତାହା ସିଧାସଳଖ ଚର୍ମ ଉପରେ ପଡ଼ିଥାଏ।



# ଖାଲି ପେଟରେ କାହିଁକି ଖାଇବା ଉଚିତ୍ ଟମାଟୋ ?

*ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ସକାଳୁ ଖାଲିପେଟରେ ଟମାଟୋ ଖାଇବା ଦ୍ୱାରା ଏହା ଆମ ଶରୀରକୁ ଫାଇଦା ଦେଇଥାଏ । ଖାସ କରି ପେଟରେ ଥିବା ଜୀବାଣୁକୁ ଏହା ନଷ୍ଟ କରିଥାଏ ।*

ଆପଣ ଜାଣଛନ୍ତି କି ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମ ଶରୀରରୁ ଅନେକ ପ୍ରକାର ଫାଇଦା ଦେଇଥାଏ । ଟମାଟୋ ଏକ ଏପରି ପରିବା ଯାହାକୁ ଭାରତରେ ବହୁଳ ଭାବରେ ବ୍ୟବହାର କରାଯାଏ । ଏହାକୁ କୌଣସି ବି ତରକାରୀରେ ପକାଇଦେଲେ ତାର ସ୍ୱାଦ ବଢ଼ିଯାଏ । ଏଥିସହିତ ଟମାଟୋକୁ ତ୍ୱଚା ପାଇଁ ମଧ୍ୟ ବ୍ୟହାର କରାଯାଏ । କିନ୍ତୁ ଆପଣ ଜାଣଛନ୍ତି କି ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମ ଶରୀରରୁ ଅନେକ ପ୍ରକାର ଫାଇଦା ଦେଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମକୁ କଣ ସ୍ୱାସ୍ଥ୍ୟଗତ ଫାଇଦା ଦେଇଥାଏ । ଟମାଟୋକୁ ଖାଲିପେଟରେ ସେବନ ଦ୍ୱାରା ମିଳିଥାଏ ଏହିସବୁ ଫାଇଦା

**ପେଟ ଥଣ୍ଡା ରୁହେ:**
କିଛି ଲୋକଙ୍କୁ ପେଟ ଗରମ କାରଣରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ଫଳରେ ଏହା ସେମାନଙ୍କ ଚର୍ମ ଏବଂ କେଶ ଉପରେ ପ୍ରଭାବ ପକାଏ । ତେଣୁ ବିଶେଷଜ୍ଞମାନଙ୍କ ମତରେ ଖାଲିପେଟରେ ସକାଳୁ ଟମାଟୋ ସୋବନ କରିବା ଉଚିତ୍ ଏପରି କରିବା ଦ୍ୱାରା ପେଟ ଗରମ ସମସ୍ୟା ଦୂର ହୋଇଥାଏ ।

**ପେଟରେ ଥିବା ଜୀବାଣୁ ନଷ୍ଟ:**
ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ସକାଳୁ ଖାଲିପେଟରେ ଟମାଟୋ ଖାଇବା ଦ୍ୱାରା ଏହା ଆମ ଶରୀରକୁ ଫାଇଦା ଦେଇଥାଏ । ଖାସ କରି ପେଟରେ ଥିବା ଜୀବାଣୁକୁ ଏହା ନଷ୍ଟ କରିଥାଏ । ତେବେ ସକାଳୁ ଟମାଟୋକୁ ଗୋଲମରିଚ ଗୁଣ୍ଡ ସହ ମିଶାଇ ସେବନ କରନ୍ତୁ ଫଳରେ ପେଟରେ ଥିବା ଜୀବାଣୁ ମରି ମଳ ଦ୍ୱାରା ବାହିରି ଆସିବେ ଏଥିସହିତ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।

**ଦୂର ହୁଏ ହୃଦ ରୋଗ ସମସ୍ୟା:**
ଟମାଟୋରେ ଭିଟାମିନସ୍, ସୋସଡିୟମ, ପୋଟାସିୟମ, କ୍ୟାଲସିୟମ, ଭିଟାମିନ ଏ, ଭିଟାମିନ ସି, ଭିଟାମିନ ଇ ଏବଂ ରାଇବୋଫ୍ଲେଭିନ ଆଦି ରହିଥାଏ । ଯାହା ଶରୀରକୁ ସୁସ୍ଥ ରଖିବା ସହ ହୃଦଘାତ ପରି ସମସ୍ୟାକୁ ମଧ୍ୟ ଦୂର କରିଥାଏ । ତେଣୁ ପ୍ରତ୍ୟେକ ଦିନ ଖାଲିପେଟରେ ଟମାଟୋ କିମ୍ବା ଟମାଟୋ ଜୁସ୍ ସେବନ କରିବା ଦ୍ୱାରା ଏହା ହାଇ କୋଲେଷ୍ଟ୍ରଲ ଏବଂ ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରିଥାଏ । ଫଳରେ ହୃଦଘାତ ସମସ୍ୟା ଦୂର ହୋଇଥାଏ ।

**ବଢ଼ିବ ଦୃଷ୍ଟିଶକ୍ତି:**
ଯେଉଁ ବ୍ୟକ୍ତିମାନଙ୍କର ଦୃଷ୍ଟିଶକ୍ତି କମ୍ ଥାଏ ସେମାନଙ୍କ ପାଇଁ ଟମାଟୋ ସେବନ ଅନେକ ଲାଭ ଦେଇଥାଏ । କାରଣ ଏହି ପରିବାରେ ଭିଟାମିନ ଏ ପ୍ରଚୁର ପରିମାଣରେ ରହିଥାଏ । ଫଳରେ ଏହାକୁ ପ୍ରତ୍ୟେକ ଦିନ ଖାଲି ପେଟରେ ସେବନ କଲେ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବା ସହ ତ୍ୱଚାକୁ ମଧ୍ୟ କୋମଳ ଏବଂ ଚିକ୍କଣ କରିଥାଏ ।

# ଆସିଗଲା ଆମ୍ବର ଦିନ



*ଆମ୍ବ ଖାଇବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ପାଇଥାଏ। କମ୍ ବ୍ୟବଧାନରେ ଭୋକ ଲାଗିଥାଏ। ଦୃଷ୍ଟିଶକ୍ତି ତଥା ଆଖିଜନିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ବି ଆମ୍ବ ଖାଇବା ଦ୍ୱାରା କରାଯାଇ ପାରେ।*

ଆସିଗଲା ଆମ୍ବର ଋତୁ। ବଜାରରେ ଏବେ ବିଭିନ୍ନ ରକମର ଆମ୍ବର ଭିଡ଼ ଜମିବ। ଆମ୍ବ ଖାଇବାକୁ କାହାକୁ ବା ଭଲ ଲାଗେନା ଆମ୍ବ ଏକ ଏପରି ଫଳ ତାହାକୁ ବିଭିନ୍ନ ଢଙ୍ଗରେ ଲୋକେ ଖାଇବାକୁ ପସନ୍ଦ କରିଥାନ୍ତି। କେହି କେହି ପାଚିଲା ଆମ୍ବ ଖାଇବାକୁ ପସନ୍ଦ କରନ୍ତି ତ ପୁଣି କେହି ତାହାକୁ ଜୁସ୍ କରି ପିଇବାକୁ ଭଲପାଆନ୍ତି। ଆମ୍ବ ଜେଲି, ଆମ୍ବସଢ଼ା ଆଦି ବିଭିନ୍ନ ପ୍ରକାରର ଖାଦ୍ୟ ରହିଛି ଆମ୍ବକୁ ନେଇ। ଜାଣିରଖନ୍ତୁ ଯେ ଆମ୍ବ କେବଳ ପାଟି ସୁଆଦ ପାଇଁ ନୁହେଁ, ବରଂ ଏହା ଶରୀର ପାଇଁ ମଧ୍ୟ ଖୁବ୍ ଉପକାରୀ ହୋଇଥାଏ। ଆମ୍ବ ଖାଇବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ପାଇଥାଏ। କମ୍ ବ୍ୟବଧାନରେ ଭୋକ ଲାଗିଥାଏ। ଦୃଷ୍ଟିଶକ୍ତି ତଥା ଆଖିଜନିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ବି ଆମ୍ବ ଖାଇବା ଦ୍ୱାରା କରାଯାଇ ପାରେ। ଏହା କୋଲେଷ୍ଟ୍ରଲ୍ ସ୍ତର କମ୍ କରିବା ସହ ତ୍ୱଚାକୁ ଚିକ୍କଣ କରିଥାଏ। ଅଧିକ ମଧୁମେହ ରୋଗୀ ଭାବିଥାନ୍ତି ଆମ୍ବ ରକ୍ତରେ ଶର୍କରା ଭାଗକୁ ବଢ଼ାଇ ଥାଏ। ମାତ୍ର ତାହା ଭୁଲ୍ ଧାରଣା। ମଧୁମେହ ରୋଗୀମାନେ ବି ଆମ୍ବ ଖାଇପାରିବେ, କିନ୍ତୁ ଏଥିଲାଗି ଡାକ୍ତରଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ। ପ୍ରଚୁର ଆମ୍ବ ଖାଉଥିବା ବ୍ୟକ୍ତିଙ୍କ ଭିତରେ କର୍କଟ ହେବାର ସମ୍ଭାବନା ଖୁବ୍ କମ୍ ଥାଏ। ଏହା ତ୍ୱଚା ଭଲ ରଖିବା ସହ କେଶ ପାଇଁ ବି ଖୁବ୍ ଭଲ ହୋଇଥାଏ। ଆପଣ ଯଦି ଉତ୍ତମ କେଶ ଓ ତ୍ୱଚା ଚାହାନ୍ତି ତେବେ ପ୍ରଚୁର ଆମ୍ବ ଖାଆନ୍ତୁ।

## ବାସ୍ ୩ଟି ସରଳ ଉପାୟରେ ଦୂର ହେବ
# ହଜମ ସମସ୍ୟା..

ସୁସ୍ଥ ଶରୀର ପାଇଁ ଖାଦ୍ୟ ଭଲ ଭାବେ ହଜମ ହେବା ନିତାନ୍ତ ଆବଶ୍ୟକ। ଭୁଲ ଖାଦ୍ୟପେୟ ଓ ଜୀବନଶୈଳୀ କାରଣରୁ ହଜମ କ୍ରିୟା ଉପରେ କୁପ୍ରଭାବ ପଡିଥାଏ। ଏହାସହ ହଜମ ଶକ୍ତି ଧିରେ ଧିରେ ଦୁର୍ବଳ ହେବାକୁ ଆରମ୍ଭ କରିଥାଏ। ହଜମ କ୍ରିୟା ସଠିକ ଭାବେ କାର୍ଯ୍ୟ ନକରିବା ଦ୍ୱାରା ଅନେକ ସମସ୍ୟା ହୋଇଥାଏ। ଏଭଳି କେତେକ ପାନୀୟ ରହିଛି, ଯାହାକୁ ସେବନ କରିବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

**ମେଥି ପାଣି:** ମେଥି ଦାନାରେ ଭିଟାମିନ ସି, ଫାଇବର, ମାଗ୍ନେସିୟମ, କ୍ୟାଲସିୟମ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ମେଥି ପାଣି ସେବନ ଦ୍ୱାରା ଶରୀରରୁ ଅଦରକାରୀ ପଦାର୍ଥ ନିର୍ଗତ କରିବାରେ ସହାୟକ ହୋଇଥାଏ। ପାଚନ ତନ୍ତ୍ର ସୁସ୍ଥ ରହିଥାଏ। ଏଥିପାଇଁ ଏକ ଗ୍ଲାସ ପାଣିରେ ଅଳ୍ପ ମେଥି ଦାନା ପକାଇ ଏହାକୁ ଫୁଟାନ୍ତୁ। ଏହାକୁ ପିଅନ୍ତୁ। ଏହାଦ୍ୱାରା ବଦହଜମି ସମସ୍ୟା ଦୂର ହୋଇଥାଏ। ଅଦା ଓ ଗୋଲମରିଚର ପାଣି ପିଇବା ପାଚନ ତନ୍ତ୍ର ପାଇଁ ବେଶ ଲାଭଦାୟକ ହୋଇଥାଏ। ଅଦାରେ ଆଣ୍ଟି-ଇନ୍ଫ୍ଲେମେଟରୀ ଗୁଣ ରହିଛି। ଯାହା ପାଚନ ଜନିତ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ। ଏହା ଏସିଡିଟି ଓ ବଦହଜମି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ।ଅଦାରେ ଓ ଗୋଲମରିଚ ଚା’ରେ ସାମାନ୍ୟ ମହୁ ମଧ୍ୟ ମିଶାଇ ପାରିବେ। ଏହାର ସେବନ କରିବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ। ହଜମ ଶକ୍ତିକୁ ଶକ୍ତିଶାଳୀ କରିବା ପାଇଁ ସକାଳେ ଖାଲି ପେଟରେ ପାନମଧୁରୀ ପାଣି ପିଇପାରିବେ। ପାନମଧୁରୀରେ ଫାଇବର, ଜିଙ୍କ,ଆଇରନ ଓ ପୋଟାସିୟମ ଭଳି ପୋଷକ ତତ୍ତ୍ୱ ରହିଛି। ପାନମଧୁରୀ ଖାଦ୍ୟକୁ ଭଲ ଭାବେ ହଜମ କରିବାରେ ସହାୟକ ହୋଇଥାଏ। ପାନମଧୁରୀ ପାଣି ପିଇବା ଦ୍ୱାରା ଏସିଡିଟି, ବାନ୍ତି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।




*ଡେଙ୍ଗୁ ରୋଗୀଙ୍କ ଠାରେ ପ୍ଲେଟେଲେଟସ ଅତି ଦ୍ରୁତ ଗତିରେ ହ୍ରାସ ପାଇଥାଏ । ଏଥିପାଇଁ ଡାକ୍ତର ସର୍ବଦା ଡେଙ୍ଗୁ ରୋଗୀଙ୍କୁ ପ୍ଲେଟେଲେଟସ ବଢ଼ାଇବା ପାଇଁ ପରାମର୍ଶ ଦେଇଥାନ୍ତି । ଗ୍ରୀନ ଟି, ସବୁଜ ପରିବା ଓ ଅମୃତ ଭଣ୍ଡା ପତ୍ର ପ୍ଲେଟେଲେଟସ ବଢ଼ାଇଥାଏ । ଏହାଛଡା ପିଜୁଳି ପତ୍ର ମଧ ପ୍ଲେଟେଲେଟସ ବଢ଼ାଇବାରେ ସାହାଯ୍ୟ କରିଥାଏ ।*

ଡେଙ୍ଗୁ ଜର ଏକ ମାରାତ୍ମକ ରୋଗ । ଏହି ଜର ହେଲେ ବିପଦ ହେଉଛି ରକ୍ତରେ ପ୍ଲେଟେଲେଟ୍ସ ବା ରକ୍ତ କଣିକା କମିଯିବା । ରକ୍ତରେ ପ୍ଲେଟେଲେଟସ କମିଗଲେ ରୋଗୀର ମୃତ୍ୟୁ ଆଶଙ୍କା ବଢ଼ିଯାଇଥାଏ । ତେଣୁ ପ୍ଲେଟେଲେଟସ ବୃଦ୍ଧି ପାଇଁ ଡାକ୍ତରମାନେ ସର୍ବଦା ପରାମର୍ଶ ଦେଇଥାନ୍ତି । ଏବେ ବର୍ଷା ଦିନେ ଡେଙ୍ଗୁ ଜର ଅଧିକାଂଶ ଲୋକଙ୍କୁ ହେଉଥିବା ଦେଖାଯାଉଛି । ଏହି ଜର ହେଲେ ଭୀଷଣ ଭାବେ ଜର ଆଶିବା ସହ ବାନ୍ତି, ଦେହ ହାତ ବିନ୍ଧା ଓ ମୁଣ୍ଡ ବିନ୍ଧା ଆଦି ଦେଖାଯାଇଥାଏ । ଡେଙ୍ଗୁ ରୋଗୀଙ୍କ ଠାରେ ପ୍ଲେଟେଲେଟସ ଅତି ଦ୍ରୁତ ଗତିରେ ହ୍ରାସ ପାଇଥାଏ । ଏଥିପାଇଁ ଡାକ୍ତର ସର୍ବଦା ଡେଙ୍ଗୁ ରୋଗୀଙ୍କୁ ପ୍ଲେଟେଲେଟସ ବଢ଼ାଇବା ପାଇଁ ପରାମର୍ଶ ଦେଇଥାନ୍ତି । ଗ୍ରୀନ ଟି, ସବୁଜ ପରିବା ଓ ଅମୃତ ଭଣ୍ଡା ପତ୍ର ପ୍ଲେଟେଲେଟସ ବଢ଼ାଇଥାଏ । ଏହାଛଡା ପିଜୁଳି ପତ୍ର ମଧ ପ୍ଲେଟେଲେଟସ ବଢ଼ାଇବାରେ ସାହାଯ୍ୟ କରିଥାଏ । ତେଣୁ ପିଜୁଳି ପତ୍ରର କାଢ଼ା ପ୍ରସ୍ତୁତ କରି ସେବନ କରନ୍ତୁ ।




ଏଥିରେ ଥିବା ଏଣ୍ଟିଅକ୍ସିଡାଣ୍ଟ, ଏଣ୍ଟ ବ୍ୟାକ୍ଟରିଆଲ ଓ ଏଣ୍ଟି ଇନଫ୍ଲାମାଟୋରୀ ଗୁଣ ଓ କେରୋଟେନାଇଡସ, ପଲିଫେନୋଲସ ଓ ଫ୍ଲେବୋନାଇଡସ ସବୁ ପ୍ରକାର ରୋଗର ପ୍ରତିଶେଧକ ପାଇଁ ବହୁତ ଫଳପ୍ରଦ ହୋଇଥାଏ ।

**କେମିତି କରିବେ ସେବନ :**
ଏଥିପାଇଁ ପିଜୁଳିର କିଛି ପତ୍ରକୁ ୫ କପ ପାଣିରେ ଭଲ ଭାବେ ଫୁଟାଇ ଦିଅନ୍ତୁ । ପରେ ଏଥିରେ ସ୍ୱାଦ ଅନୁସାରେ ମହୁ ମିଶାଇ ଡେଙ୍ଗୁ ରୋଗୀଙ୍କୁ ପିଇବାକୁ ଦିଅନ୍ତୁ । ଦିନରେ ଏହାକୁ ୩ ଥର ସେବନ କରନ୍ତୁ । ଦେଖିବେ ପ୍ଲେଟଲେଟ୍ସ ଦ୍ରୁତ ଗତିରେ ବଢ଼ିବ । ଏହାର ସେବନ ଦ୍ୱାରା ସୁଗାର ମଧ୍ୟ କଣ୍ଟ୍ରୋଲ ହେବ ।

# ଖରାଦିନେ ଏହାକୁ କରନ୍ତୁ ସେବନ; ଶୀଘ୍ର କମିବ ଓଜନ..

ଓଜନ ହ୍ରାସ ପାଇଁ ଅନେକ ଇଚ୍ଛୁକ। ତେବେ ଓଜନ ହ୍ରାସ ନିମନ୍ତେ ଖରାଦିନକୁ ସବୁଠାରୁ ଉତ୍ତମ ବୋଲି କୁହାଯାଏ। ଏହି ଋତୁରେ ମୋଟାପଣ ହ୍ରାସ ପାଇଁ ବିଭିନ୍ନ ଉପାୟ ଆପଣାଇ ପାରିବେ। ଖରାଦିନେ କିଛି ସ୍ୱତନ୍ତ୍ର ଖାଦ୍ୟ ଓ ପାନୀୟ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ମୋଟାପଣ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ.. ଉତ୍ତମ ସ୍ୱାସ୍ଥ୍ୟ ପାଇଁ ତରଭୂଜ ବେଶ ଲାଭଦାୟକ। ଏଥିରେ ଫାଇବର, ପୋଟାସିୟମ, ଆଇରନ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। ଏହା ଶରୀର ପାଇଁ ନିତାନ୍ତ ଆବଶ୍ୟକ। ଏହା ଶରୀରରେ ଜଳର ଅଭାବ ଦୂର କରିଥାଏ। ଅଧିକ ସମୟ ଯାଏଁ ପେଟ ଭର୍ତ୍ତି ହୋଇ ରହିବା ନେଇ ଅନୁଭବ ହୋଇଥାଏ। ଫଳରେ ବାରମ୍ବାର ଖାଦ୍ୟ ଖାଇବାର ଆବଶ୍ୟକତା ନଥାଏ। ଓଜନ ହ୍ରାସ ପାଇଁ ଏହାକୁ ନିଜ ଖାଦ୍ୟରେ ସାମିଲ କରିପାରିବେ। ଏହାକୁ ସାଲାଡ ଭାବେ ମଧ୍ୟ





ଖାଇପାରିବେ। କଲରାରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏଥିରେ ପ୍ରୋଟିନ, କାର୍ବୋହାଇଡ୍ରେଟ, କ୍ୟାଲସିୟମ, ଆଇରନ, ଭିଟାମିନ ସି ଓ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି। ଏହାର ସେବନ କରିବା ଦ୍ୱାରା ମୋଟାପଣ ହ୍ରାସ ହେବାରେ ସହାୟକ ହୋଇଥାଏ। ଦହି ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ଏହାସହ ଖାଦ୍ୟକୁ ଭଲ ଭାବେ ହଜମ ମଧ୍ୟ କରିଥାଏ। ଓଜନ ହ୍ରାସ ପାଇଁ ଏହାର ସେବନ କରିପାରିବେ। ଏହା ଫ୍ୟାଟ୍ କମ୍ କରିବାରେ ସହାୟକ ହୋଇଥାଏ। ଏହାର ସେବନ କରିବା ଦ୍ୱାରା ଅଧିକ ସମୟ ଯାଏଁ ପେଟ ଭର୍ତ୍ତି ହେବା ଭଳି ରହିଥାଏ। ଲେମ୍ବୁ ପ୍ରାକୃତିକ ଭାବେ ଶରୀରରୁ ଅଦରକାରୀ ପଦାର୍ଥ ବାହାର କରିବାରେ ସହାୟକ ହୋଇଥାଏ। ଏହା ଶରୀରରୁ ଫ୍ୟାଟ୍ ଦୂର କରିଥାଏ।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ପରିଚାଳନା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ବୈଠକ

# ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବୀ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୧୬।୦୭ (ଖବର):** ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଅଧୀନରେ ଗଠିତ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି (ଏସଇସି)ର ୨୦୨୬-୨୭ ବର୍ଷର ପ୍ରଥମ ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ରାଜସ୍ୱ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସମେତ କମିଟିର ସଦସ୍ୟ ଥିବା ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ତଥା ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ଏବଂ ଅଗ୍ନିଶମ ସେବା ଡିଜି ଡା. ସୁଧାଂଶୁ ଷଡଙ୍ଗୀ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପାଟିଲ କମିଟି ନିକଟରେ ବିଭିନ୍ନ ପ୍ରସ୍ତାବ ଆଲୋଚନା ଓ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିଥିଲେ। ରାଜ୍ୟ କାର୍ଯ୍ୟ ନିର୍ବାହୀ କମିଟି ରାଜ୍ୟର ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯୋଜନା ଓ ନୀତି ପ୍ରଣୟନ, ପ୍ରାକ୍ ପ୍ରସ୍ତୁତି, ତଦାରଖ, ବିଭିନ୍ନ ବିଭାଗ ସହ ସମନ୍ୱୟ, ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା, କ୍ଷତି ଆକଳନ ମୂଲ୍ୟାୟନ କରି ବିପର୍ଯ୍ୟୟ ପରିଚାଳନା ଯୋଜନା କାର୍ଯ୍ୟକାରିତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

(ଏସଡିଆରଏମଏଫ) ର ସ୍ଥିତି ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି ବିପର୍ଯ୍ୟୟ ପ୍ରଶମନ ପାଣ୍ଠି କୋଟି ଟଙ୍କାର ବ୍ୟବସ୍ଥା ଥିବା ବୈଠକରେ ରାଜ୍ୟ ବିପର୍ଯ୍ୟୟ ବିପଦ ପରିଚାଳନା ପାଣ୍ଠି ଅନୁଧ୍ୟାନ କରାଯାଇଥିଲା। ୨୦୨୬-୨୭ ବର୍ଷ ପାଇଁ ରାଜ୍ୟ (ଏସଡିଆରଏଫ)ରେ ୧,୭୧୮ କୋଟି ଟଙ୍କା ଏବଂ ରାଜ୍ୟ (ଏସଡିଏମଏଫ) ରେ ୪୨୯ କୋଟି ଟଙ୍କା ସହ ମୋଟ ୨,୧୪୭ ବେଳେ ୨୦୨୬-୨୭ ରେ ଅଦ୍ୟାବଧି ୧୦୬୪.୪୮ କୋଟି ଟଙ୍କା ବ୍ୟୟ ହୋଇଛି। ବିଭିନ୍ନ ବର୍ଷରେ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପାଇଁ ବିଭିନ୍ନ ବିଭାଗ ଏବଂ ଜିଲ୍ଲାମାନଙ୍କୁ ଦିଆଯାଇଥିବା ଆର୍ଥିକ ସହାୟତା ମଧ୍ୟରୁ ୯୨.୯୩ ପ୍ରତିଶତ ବିନିଯୋଗ ପ୍ରମାଣପତ୍ର ପ୍ରାପ୍ତ ହୋଇଛି।

ଆଗାମୀ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱର ମହାନଗର ନିଗମ ଏବଂ କଟକ ମହାନଗର ନିଗମ ଅଞ୍ଚଳରେ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହର ପ୍ରଭାବ ହ୍ରାସ ପାଇଁ ୧.୭୭ କୋଟି ଟଙ୍କାର ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଛି। ବିଏମସିରେ ବହୁମୁଖୀ ବିଶ୍ରାମ ସ୍ଥଳ, ବସ୍ଷ୍ଟପରେ ଭେଟିଭର କୁଲିଂ ମ୍ୟାଟ୍, ସାଲିଆ ସାହିରେ ରିଫ୍ଲେକ୍ଟିଭ୍ ରୁଫ୍ ପେଣ୍ଟିଂ, କଟକ ନେତାଜୀ ବସ୍ ଟର୍ମିନାଲ ପ୍ଲାଟଫର୍ମରେ ଭେଟିଭର ରୁଫ୍ ହ୍ୟାଙ୍ଗି ଏବଂ ପାନୀୟ ଜଳ ସୁବିଧା ଭଳି ପ୍ରକଳ୍ପ ଏଣ୍ଡରେ ସାମିଲ ରହିଛି ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନଡିଏମଏ)ଙ୍କ ପ୍ରସ୍ତାବ କ୍ରମେ ଭୁବନେଶ୍ୱର ସହରରେ ସହରାଞ୍ଚଳ ବନ୍ୟା ଓ ଜଳବନ୍ଦୀ ସମସ୍ୟାର ଦୀର୍ଘମିଆଦୀ ସମାଧାନ ପାଇଁ ୨୦୦ କୋଟିର (ଏନଡିଏମଏ) କେନ୍ଦ୍ରୀୟ ଅଂଶ ଏବଂ ରାଜ୍ୟ ଅଂଶ ବାବଦକୁ ୯୯.୯୦ କୋଟି ମିଶାଇ ମୋଟ ୨୨୨.୨୦ କୋଟି ପ୍ରସ୍ତାବକୁ ରାଜ୍ୟ କାର୍ଯ୍ୟ ନିର୍ବାହୀ କମିଟିରେ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯାଇ ସବିଶେଷ ଆଲୋଚନା ହୋଇଛି । ଏଥିରେ ଅତ୍ୟଧିକ ଝଡବର୍ଷା ବା ଲଗାଣ ବର୍ଷା ଜନିତ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ସୁଦୃଢ଼ୀକରଣ, ସମନ୍ୱିତ ହ୍ରଦ ପୁନରୁଦ୍ଧାର ଏବଂ ଆନ୍ତଃ ସଂଯୋଗୀକରଣ, ବର୍ଷାଜଳ ସଂରକ୍ଷଣ, ଜଳ ନିରାପତ୍ତା, ଆଗୁଆ ସତର୍କ ସୂଚନା ବ୍ୟବସ୍ଥା ଏବଂ ସହରାଞ୍ଚଳ ବନ୍ୟା ବିପଦ ଆକଳନ, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଭଳିପଦକ୍ଷେପ ଅନ୍ତର୍ଭୁକ୍ତ ରହିଛି।

ଏଥି ସହିତ ଜଙ୍ଗଲ ନିଆଁ ବିପଦ ପ୍ରଶମନ ପାଇଁ ସଂଶୋଧ ପ୍ରସ୍ତାବ, ଓଡ୍ରାଫ୍ ଓ ଅଗ୍ନିଶମ ସେବାର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ୀକରଣ, ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ, ଓଲ୍ଡମାର ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସୂଚନା ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବାକୁ ସୁଦୃଢ କରିବା ପାଇଁ ସୂଚନା ସରବରାହ ବ୍ୟବସ୍ଥାରେ ଅଧିକ ଉନ୍ନତି ଆଣିବା ନିମନ୍ତେ ଆବଶ୍ୟକୀୟ ଏଚ୍ଏଫ୍, ଭିଏସ୍ଏଫ୍ ବେସ୍ ସେଟ୍, ଭିଏସ୍ଏଫ୍ ମୋବାଇଲ ସେଟ୍, ଭିସାଟ୍ ସେଟ୍, ସାଟେଲାଇଟ୍ ଫୋନ୍ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି।

ରାଜ୍ୟରେ ବନ୍ୟା-ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ରହିଥିବା ବେଳେ ବିପର୍ଯ୍ୟୟ ପରିଚାଳନାକୁ ତୃଣମୂଳସ୍ତରରେ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟର ୩,୦୦୦ ଅଣ-ବାତ୍ୟା ଆଶ୍ରୟସ୍ଥଳୀ ଗ୍ରାମରେ ଗ୍ରାମସ୍ତରୀୟ ଟାସ୍କଫୋର୍ସ ସ୍ୱେଚ୍ଛାସେବୀ ବାହିନୀ ଗଠନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ପ୍ରାରମ୍ଭିକ ସତର୍କ ସୂଚନା ପ୍ରସାର, ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ଆଶ୍ରୟସ୍ଥଳୀ ପରିଚାଳନା, ଜଳ ଓ ପରିମଳ ବ୍ୟବସ୍ଥା, ରିଲିଫ୍ ପରିଚାଳନା ଏବଂ ମାନସିକ-ସାମାଜିକ ସହାୟତା ପାଇଁ ଏହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷିତ କରାଯିବ। ପ୍ରଶିକ୍ଷଣ ସମସ୍ତ କାର୍ଯ୍ୟକ୍ରମ ଯେପରି ପ୍ରଭାବୀ ଓ ଫଳପ୍ରଦ ହେବ, ଏହାର ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

ସମେତ ଏ ସଂପର୍କରେ ନିଆଯିବାକୁ ଥିବା ତଦାରଖ ବ୍ୟବସ୍ଥା ସୁବ୍ୟବସ୍ଥିତ କରିବାକୁ ମୁଖ୍ୟ ରାଜ୍ୟରେ ସାପ କାମୁଡ଼ାଜନିତ ମୃତ୍ୟୁ ଏବଂ ବଜ୍ରପାତଜନିତ ଜୀବନହାନି ହ୍ରାସ ପାଇଁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଗଣମାଧ୍ୟମରେ ପ୍ରଚାର, ପୁସ୍ତିକା ଓ ପୋଷ୍ଟର, ଗ୍ରାମସ୍ତରୀୟ ପଥପ୍ରାନ୍ତ ନାଟକ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ, ଆଶା ଓ ଅଙ୍ଗନବାଡ଼ି କର୍ମୀ, କୃଷକ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ସାମିଲ କରି ରାଜ୍ୟବ୍ୟାପୀ ସଚେତନତା ଅଭିଯାନକୁ ବ୍ୟାପକ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ବିପର୍ଯ୍ୟୟ ପରିଚାଳନାକୁ ଅଧିକ ପ୍ରଯୁକ୍ତିଭିତ୍ତିକ, ତ୍ୱରିତ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ଓଲ୍ଡମା ପକ୍ଷରୁ ବିଭିନ୍ନ ସୂଚନା ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥାର ବିକାଶ ଓ ସୁଦୃଢ଼ୀକରଣ, ବିପର୍ଯ୍ୟୟ ସମ୍ପର୍କିତ ତଥ୍ୟ ପରିଚାଳନା ଏବଂ ସମନ୍ୱୟ ବ୍ୟବସ୍ଥାକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗ ଓ ଜିଲ୍ଲାସ୍ତରରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ସମୟୋଚିତ ଓ ଗୁଣାତ୍ମକ କାର୍ଯ୍ୟାନ୍ୱୟନ, ନିୟମିତ ତଦାରଖ ଏବଂ ପାଣ୍ଠିର ସ୍ୱଚ୍ଛ ଓ ଫଳପ୍ରଦ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ସୁନାମ ବଜାୟ ରଖୁବା ସହ ଏକ ସୁରକ୍ଷିତ, ସଚେତନ ଓ ବିପର୍ଯ୍ୟୟ ସହନଶୀଳ ଓଡ଼ିଶା ଗଠନ ଦିଗରେ ସମସ୍ତେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।

# ଆଉ ୩ ଦିନ ପ୍ରବଳ ବର୍ଷିବ

## ସତର୍କତା ଜାରି କଲା ପାଣିପାଗ ବିଭାଗ

**ଭୁବନେଶ୍ୱର, ୧୭।୦୭ (ଖବର):** ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡିଶା ପଶ୍ଚିମବଙ୍ଗ ଠାରେ ସକ୍ରିୟ ଥିବା ଲଘୁଚାପ ଆଜି ସକାଳେ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ଠାରୁ ୭.୬ କିମି ଯାଏଁ ବ୍ୟାପିଛି। ଏହା ଆଗାମୀ ୨ ଦିନ ମଧ୍ୟରେ ଉତ୍ତର ଓଡିଶା ଓ ଗଙ୍ଗେୟ ପଶ୍ଚିମବଙ୍ଗ ଦେଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସମ୍ଭାବନା ରହିଛି। ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ଅତ୍ୟଧିକ ପ୍ରବଳ, ପ୍ରବଳରୁ ଅତି ପ୍ରବଳ ଓ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ଚେତାବନୀ ଜାରି କରିଛି। ସେପଟେ ପୁରୀରେ ବର୍ଷା ଜାରି ରହିଥିବା ବେଳେ ମେଘୁଆ ପାଗ ସହ ଦୁଇ ଦିନ ଯାଏଁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହାସହ ଆଗାମୀ ୩ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ମୟୂରଭଞ୍ଜ ଓ ଭଦ୍ରକ ବିଜୁଳି ଘଡଘଡି ବର୍ଷା ପାଇଁ ଚେତାବନୀ ସତ ସତର୍କ ସୂଚନା ଦେଇଛି ପାଣିପାଗ ବିଭାଗ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ସାରା ଓଡ଼ିଶାରେ ପ୍ରବଳ ବର୍ଷା ହେବାକୁ ଥିବା ଅନୁଗୋଳ, ବୌଦ୍ଧ, ସୋନପୁର, ସମ୍ବଲପୁର ଓ ଦେବଗଡ଼ରେ ଭୀଷଣ ବର୍ଷା ହେବେ। ଏହି ପାଞ୍ଚ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି ରାଯାଇଛି। ସେହିପରି କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ରାୟଗଡା, କଳାହାଣ୍ଡି, ବଲାଙ୍ଗିର, ଗଜପତି, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଖୋରଧା, ପୁରୀ, କଟକ, ଢେଙ୍କାନାଳ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼,



ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଅବଶିଷ୍ଟ ଜିଲ୍ଲାରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ଆସନ୍ତାକାଲି ନୂଆପଡା, ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି କଳାହାଣ୍ଡି, କନ୍ଧମାଳ, ରାୟଗଡା, ବୌଦ୍ଧ, ଅନୁଗୋଳ, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଜଗତସିଂପୁର, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର, ପୁରୀ, ବାଲେଶ୍ୱର, ବୌଦ୍ଧ ଓ ବରଗଡ଼ ୧୮ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ଆଗାମୀ ୨୦ ତାରିଖ ଯାଏଁ ରାଜ୍ୟରେ ବର୍ଷା ଜାରି ରହିବ। ଓଡିଶା ଉପକୂଳରେ ମେଘୁଆ ପାଗ ସହ ୪୫ରୁ ୫୦ କିମି ପବନ ସର୍ବାଧିକ ୬୦ କିମି ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଆଶାନ୍ତ ରହିବ। ତେଣୁ ୧୬ରୁ ୧୮ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ସେପଟେ ଜୁନ ୧ରୁ ଏଯାବତ ୪୧୦.୮ ମିମି ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୩୭୦.୯। ଏହା ସ୍ୱାଭାବିକ ବର୍ଷାଠାରୁ ୧୧ ପ୍ରତିଶତ ଅଧିକ ବର୍ଷା ରାଜ୍ୟରେ ହୋଇଛି । ୨ଟି ସ୍ଥାନ ବାଙ୍କୀ ଓ ଅନୁଗୋଳରେ ଅତ୍ୟଧିକ ବର୍ଷା ହୋଇଥିବା ବେଳେ ୧୦ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଛି। ସେହିପରି ୬୯ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ୭ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ୧୩ଟି ଜିଲ୍ଲାରେ ଅତି ପ୍ରବଳବର୍ଷା ସମ୍ଭାବନା ଥିବା ବେଳେ କଟକ ବାଙ୍କୀରେ ସର୍ବାଧିକ ୨୧୦ ମିମି ବର୍ଷା ରେକର୍ଡ କରାଯାଇଛି ।

# ବଡଦେଉଳରେ ଦତ୍ତ ମହାପାତ୍ର-କମାଣ୍ଡର ଠେଲାପେଲା

### ସେବକଙ୍କୁ ସେବାରୁ ନିଲମ୍ବନ କଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀ, ୧୬/୦୭ (ଖବର):** ବଡଦେଉଳ ଭିତରେ ଦତ୍ତ ମହାପାତ୍ର-କମାଣ୍ଡର ମୁହାଁମୁହିଁ। ବନକଲାଗି ଚାଲିଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର କମାଣ୍ଡର ଓ ପୂର୍ବତନ ନୀତି ପ୍ରଶାସକ ବଡଦେଉଳ ଭିତରକୁ ଆସିବାକୁ ବିରୋଧ କରି ଏହି ତୁମୁଳକାଣ୍ଡ ଘଟିଛି। ବନକଲାଗି ମହାପ୍ରଭୁଙ୍କ ଗୁପ୍ତ ନୀତି ହୋଇଥିବାରୁ ପ୍ରାଶାସନିକ ଅଧିକାରୀଙ୍କୁ ବିରୋଧ କରିଥିଲେ ପାଳିଆ ଦତ୍ତ ସେବକ ରଶ୍ମିରଞ୍ଜନ ଦତ୍ତ ମହାପାତ୍ର। ଉଭୟ ପକ୍ଷ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ଠେଲାପେଲା ହୋଇଥିଲା। ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଶୃଙ୍ଖଳା ସୃଷ୍ଟି କରିଥିବା ଅଭିଯୋଗରେ ରଶ୍ମିରଞ୍ଜନଙ୍କୁ ସେବାରୁ ନିଲମ୍ବନ କରାଯାଇଛି। ଅନ୍ୟପଟେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ଏନେଇ ଏତଲା ମଧ୍ୟ ଦିଆଯାଇଛି।



**ସିଂହଦ୍ୱାର ଥାନାରେ ଏତଲା**

ଶ୍ରୀମନ୍ଦିର ପ୍ରଶାସନ ପ୍ରେସ୍ ବାର୍ତ୍ତାରେ ଜଣାଇଛି ଯେ ଶ୍ରୀମନ୍ଦିରରେ ନୀତି ସମ୍ପାଦନରେ ଶୃଙ୍ଖଳା ରକ୍ଷା ପ୍ରତି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସର୍ବଦା ସର୍ବୋଚ୍ଚ ଗୁରୁତ୍ୱ ଦେଇଆସୁଛି। ବୁଧବାର ଉଭାପର୍ବରେ ନୀତିକାନ୍ତି ପାଳନ ସମୟରେ ଦତ୍ତ ମହାପାତ୍ର ସେବାୟତ ରଶ୍ମିରଞ୍ଜନ ଦତ୍ତ ମହାପାତ୍ର ବିଶୃଙ୍ଖଳ ଆଚରଣ ପ୍ରଦର୍ଶନ କରିଥିଲେ। ଏଥିପାଇଁ ଶ୍ରୀମନ୍ଦିର କମାଣ୍ଡରଙ୍କ ରିପୋର୍ଟ ଆଧାରରେ ମୁଖ୍ୟ ପ୍ରଶାସକ ସଂପୃକ୍ତ ସେବାୟତଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଶ୍ରୀମନ୍ଦିର ସେବାରୁ ନିଲମ୍ବନ କରିଛନ୍ତି। ସେହିପରି ରଥଯାତ୍ରା ନିମନ୍ତେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମୟାନୁବର୍ତ୍ତିତା, ଶୃଙ୍ଖଳା ଏବଂ ଭକ୍ତିଭାବର ସହ ସମ୍ପାଦିତ ହୋଇଚାଲିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ସୂଚନା ଥାଉକି, ମଙ୍ଗଳବାର ରାତି ପ୍ରାୟ ସାଢେ ୪ଟାରେ ଦତ୍ତ ମହାପାତ୍ର ବନକଲାଗି ନିମନ୍ତେ ବଡଦେଉଳରେ ପ୍ରବେଶ କରିଥିଲେ। ବନକଲାଗି ସାରି ସକାଳ ୯ଟାରେ ବାହାରିଥିଲେ। ପରେ ମହାପ୍ରଭୁଙ୍କ ମଙ୍ଗଳଆଳତି ଓ ଅନ୍ୟାନ୍ୟ ନୀତି ହୋଇଥିଲା।

# ପୁରୀ ରଥଯାତ୍ରାରେ ସାମିଲ ହେଲେ ରାଜ୍ୟପାଳ

**ଭୁବନେଶ୍ୱର, ୧୬।୦୭ (ଖବର):** ପବିତ୍ର ରଥଯାତ୍ରା ଅବସରରେ ଗୁରୁବାର ଦିନ ପୁରୀରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତଙ୍କ ସହ ସାମିଲ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଭବ୍ୟ ରଥଯାତ୍ରାରେ ଯୋଗ ଦେଇଛନ୍ତି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି।

ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ମାନ୍ୟବର ରାଜ୍ୟପାଳ ଓଡ଼ିଶାବାସୀଙ୍କ ଶାନ୍ତି, ସମୃଦ୍ଧି ଓ ସୁଖମୟ ଜୀବନ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ। ପବିତ୍ର ରଥଯାତ୍ରାର ଅନୁଭୂତିକୁ ଆଧ୍ୟାତ୍ମିକ ଓ ଉତ୍ସାହପ୍ରଦ ବୋଲି ବର୍ଣ୍ଣନା କରି ରାଜ୍ୟପାଳ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦିବ୍ୟ ଉପସ୍ଥିତିରେ ରହିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରିଥିଲେ।

ଏହି ଅବସରରେ ସମସ୍ତ ଭକ୍ତଙ୍କୁ ରାଜ୍ୟପାଳ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ପବିତ୍ର ରଥଯାତ୍ରା ଆମ ସମସ୍ତଙ୍କ ମଧ୍ୟରେ ଆସ୍ଥା, ଏକତା, ସମାନତା, ଭାଇଚାରା ଓ ମାନବିକତାର ଭାବନାକୁ ଆହୁରି ସୁଦୃଢ଼ କରୁ ବୋଲି ପ୍ରାର୍ଥନା କରିଥିଲେ।

ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ବିରାଜମାନ କରୁ ଏବଂ ମହାପ୍ରଭୁଙ୍କ ଆଶୀର୍ବାଦ ସମସ୍ତଙ୍କୁ ଶାନ୍ତି, ସଦଭାବ, କରୁଣା ଓ ଧର୍ମର ପଥରେ ଆଗେଇ ନେଉ ବୋଲି ରାଜ୍ୟପାଳ କାମନା କରିଥିଲେ।



# ପ୍ରେମଜନିତ ହତ୍ୟାକାଣ୍ଡ, ପ୍ରେମିକାକୁ ଆଜୀବନ କାରାଦଣ୍ଡାଦେଶ

**ଭୁବନେଶ୍ୱର, ୧୬/୭ (ଖବର) :** ଏକତରଫା ପ୍ରେମରୁ ଜଣେ ମହିଳାଙ୍କ ଗଳା କାଟି ହତ୍ୟା ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାରକରି ଦ୍ୱିତୀୟ ଅତିରିକ୍ତ ସେସନ ଜଜ କୋର୍ଟର ବିଚାରପତି ବନ୍ଦନା କର ଅଭିଯୁକ୍ତ ଜଗନ୍ନାଥ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୫ ହଜାର ଜରିମାନା ଦଣ୍ଡ ଶୁଣାଇଛନ୍ତି।

ସୂଚନାଥାଉ କି, ଭୀମଟାଙ୍ଗୀରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ହୋଇଛି। ୨୦୨୧ ଜୁଲାଇ ମାସରେ ଭୁବନେଶ୍ୱରର ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନିରେ ପ୍ରିୟଙ୍କାଙ୍କୁ ପ୍ରେମିକ ଜଗନ୍ନାଥ ପ୍ରଧାନ ବୀଭତ୍ସ ହତ୍ୟା କରିଥିଲା। ଯାହା ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏକ ଏକତରଫା ପ୍ରେମକୁ ନେଇ ପୂର୍ବ ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡ ଘଟିଥିଲା। ଏ ମାମଲାରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ପୂର୍ବରୁ ବିବାହିତ ଥିଲେ। ନିଜ ସ୍ୱାମୀ ଏବଂ ୩ ବର୍ଷର ପୁଅ ସହ ଭୀମଟାଙ୍ଗୀରେ ରହୁଥିଲେ। ଜଗନ୍ନାଥଙ୍କ ଘର ଯାଜପୁର ଅଞ୍ଚଳରେ ହୋଇଥିବାବେଳେ ସେ ପ୍ରିୟଙ୍କାଙ୍କୁ ପୂର୍ବରୁ ଜାଣିଥିଲେ ଏବଂ ଏକତରଫା ଭଲ ପାଉଥିଲେ। ଅଭିଯୁକ୍ତ ହତ୍ୟାକାଣ୍ଡର ପ୍ରାୟ ୪ଦିନ ପୂର୍ବରୁ ହିଁ ଯୋଜନା ପ୍ରସ୍ତୁତ କରିଥିଲା। ଘଟଣା ଦିନ ସକାଳ ପ୍ରାୟ ୯ଟା ସମୟରେ, ଯେତେବେଳେ ପ୍ରିୟଙ୍କାଙ୍କ ସ୍ୱାମୀ ଅଫିସ ଯାଇଥିଲେ, ସେ ସୁଯୋଗ ଦେଖି ଛୁରୀ ଏବଂ ବିଷ ଧରି ପ୍ରିୟଙ୍କାଙ୍କ ଘରେ ପଶିଥିଲା।

ଜଗନ୍ନାଥ ପ୍ରିୟଙ୍କାଙ୍କୁ ନିଜ ସହ ଫେରାର ହୋଇଯିବାକୁ ଏବଂ ବିବାହ କରିବାକୁ ବାଧ କରିଥିଲା। କିନ୍ତୁ ପ୍ରିୟଙ୍କା ସଫା ସଫା ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଓ ଧସ୍ତାଧସ୍ତି ହୋଇଥିଲା। ରାଗ ଜର୍ଜରିତ ହୋଇ ଜଗନ୍ନାଥ ଛୁରୀରେ ପ୍ରିୟଙ୍କାଙ୍କ ବେକ କାଟି ନିର୍ମମ ଭାବେ ହତ୍ୟା କରିଥିଲା। ସେହି ସମୟରେ ପ୍ରିୟଙ୍କାଙ୍କ ୩ ବର୍ଷର ପୁଅ ଘର ଭିତରେ ଶୋଇଥିବାରୁ ବର୍ଞ୍ଚି ଯାଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସାଇ ରଞ୍ଜନ ମହାନନ୍ଦିଆ ପରିଚାଳନା କରିଥିଲେ।

### ପୁରୀ ରଥଯାତ୍ରାରେ ଠେଲାପେଲାରେ ଦୁଇ ଭକ୍ତଙ୍କ ଦୁଃଖଦ ମୃତ୍ୟୁ

# ତ୍ରୁଟି ଶୂନ୍ୟ ରଥଯାତ୍ରା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କଲା ବିଜେଡି

**ଭୁବନେଶ୍ୱର, ୧୬।୦୭ (ଖବର:** ପବିତ୍ର ପୁରୀ ରଥଯାତ୍ରା ଅବସରରେ ଠେଲା ପେଲା ଯୋଗୁଁ ଦୁଇଜଣ ଭକ୍ତଙ୍କର ଦୁଃଖଦ ମୃତ୍ୟୁ ହୋଇଛି । ଏହାସହିତ ବହୁ ସଂଖ୍ୟକ ଭକ୍ତ ଆହତ ହୋଇଛନ୍ତି । ଉକ୍ତ ଦୁଃଖଦ ଘଟଣାକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପବିତ୍ର ଧାର୍ମିକ ମହୋତ୍ସବ ମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ। ଯେଉଁଥିରେ କି ଦେଶ ତଥା ବିଦେଶରୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷର ରଥଯାତ୍ରାରେ ଘଟି ଯାଇଥିବା ଏହିପରି ଦୁର୍ଭାଗ୍ୟଜନକ ଘଟଣା ସମସ୍ତ ଭକ୍ତଙ୍କୁ ଗଭୀର ମର୍ମାହତ କରିଛି।







ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ, ରଥଯାତ୍ରା ସମୟରେ ଅଣନିଶ୍ୱାସୀ ହୋଇ ଦୁଇ ଭକ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫୦ରୁ ଅଧିକ ଭକ୍ତ ଭିଡ଼ଜନିତ ଅଘଟଣ ଓ ଅନ୍ୟାନ୍ୟ ଦୁର୍ଘଟଣାରେ ଆହତ ହୋଇଛନ୍ତି। ପୁରୀ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଘୋଷଯାତ୍ରା ବେଳେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯେଉଁଥିରେ ଭକ୍ତଙ୍କର ପ୍ରାଣହାନି ଘଟିଛି। ମୃତକଙ୍କ ମଧ୍ୟରୁ ଜଣକ ଘର କେନ୍ଦୁଝର ଜିଲ୍ଲାର ଅନିଲ ଦାସ ବୋଲି ସୂଚନା ମିଳିଛି। ଏଭଳି ପ୍ରତ୍ୟେକ ଘଟଣା ଗଭୀର ଚିନ୍ତାର ବିଷୟ ଏବଂ ଏହାର ଯତ୍ନଶୀଳ ସମୀକ୍ଷା ଓ ଅନୁଧ୍ୟାନ ଆବଶ୍ୟକ।

ବିଜୁ ଜନତା ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ମୃତ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଆହତ ସମସ୍ତ ଭକ୍ତଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରିଛନ୍ତି।

ଡ଼. ମହାନ୍ତି ରାଜ୍ୟ ସରକାରଙ୍କୁ ଆହତ ସମସ୍ତ ଭକ୍ତଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସହ ପ୍ରଭାବିତ ପରିବାର ମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ, ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା, ସୁରକ୍ଷା ପ୍ରୋଟୋକଲ, ଜରୁରୀକାଳୀନ ଚିକିତ୍ସା ସେବା ଏବଂ ସାମଗ୍ରିକ ପ୍ରଶାସନିକ ପରିଚାଳନାର ଏକ ବ୍ୟାପକ ସମୀକ୍ଷା କରାଯିବା ଆବଶ୍ୟକ ଅଟେ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଅଘଟଣର ପୁନରାବୃତ୍ତି ଯେପରି ନହେବ ସେଥି ପ୍ରତି ଯତ୍ନଶୀଳ ହୁଅନ୍ତୁ। ଆଗାମୀ ଭବିଷ୍ୟତରେ ଏଭଳି ଦୁର୍ଭାଗ୍ୟଜନକ ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଉପଯୁକ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ ପବିତ୍ର ଏହି ମହୋତ୍ସବରେ ଯୋଗ ଦେଉଥିବା ପ୍ରତ୍ୟେକ ଭକ୍ତଙ୍କ ସୁରକ୍ଷା, ନିରାପତ୍ତା ଓ ମର୍ଯ୍ୟାଦାକୁ ସୁନିଶ୍ଚିତ କରାଯିବା ଉଚିତ।

ଡ଼. ଲେନିନ ମହାନ୍ତି ପୁନର୍ବାର ଦୃଢ଼ତାର ସହ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରିଚାଳନା ସମୟରେ ଭକ୍ତ ମାନଙ୍କ ସୁରକ୍ଷା ଓ କଲ୍ୟାଣକୁ ସର୍ବାଧିକ ପ୍ରାଥମିକତା ଦିଆଯିବା ଉଚିତ।

ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ନେତା ସଂଜୟ ଦାସବର୍ମାଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ପୁରୀ ମେଡିକାଲକୁ ଯାଇ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏପରିକି ଉତ୍ତମ ଚିକିତ୍ସାସେବା ଯୋଗାଇ ଦେବାକୁ ଡାକ୍ତରଙ୍କୁ ପରାମର୍ଶ ଦେଇଛନ୍ତି।

## ପରମ୍ପରାରେ ଗୁରୁବନ୍ଦନା ପ୍ରଥା ପ୍ରଚଳିତ

ଭାରତୀୟ ସମାଜ ଏବଂ ସଂସ୍କୃତିରେ ଶିକ୍ଷକଙ୍କୁ ସର୍ବଦା ଶ୍ରଦ୍ଧା ଓ ସମ୍ମାନ ଦୃଷ୍ଟିରେ ଦେଖାଯାଏ । ଗୁରୁ ଯେ କେବଳ ଛାତ୍ରମାନଙ୍କର ଅଧ୍ୟୟନ ନିୟନ୍ତ୍ରିତ କରନ୍ତି, ତାହାନୁହେଁ, ଚରିତ୍ର ଗଠନରେ ଗୁରୁ ପ୍ରଧାନ ସହାୟକ । ପିତୃସୁଲଭ ସ୍ନେହ ଓ ଆଦର ଦେଖାଇବାରେ ସମର୍ଥ ହେବା ଉଚିତ । ଭାରତୀୟ ସଂସ୍କୃତିରେ 'ମାତୃଦେବୋ ଭବ', 'ପିତୃଦେବୋଭବ' ସହ 'ଆଚାର୍ଯ୍ୟଦେବୋ ଭବ'ର ପରମ୍ପରା ପ୍ରଚଳିତ । କେବଳ ଭାରତ ଏକମାତ୍ର ଦେଶ, ଯେଉଁଠାରେ ଶିକ୍ଷକ ଅର୍ଥାତ୍ ଗୁରୁଙ୍କ ମଧ୍ୟରେ ତ୍ରିଶକ୍ତି – ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଦର୍ଶନ ଉପଲବ୍ଧ ହୁଏ । ଭାରତୀୟ ପରମ୍ପରାରେ ଗୁରୁବନ୍ଦନା ପ୍ରଥା ପ୍ରଚଳିତ । ବିଦ୍ୱାନ ଗୁରୁ ଦେଶ କାଳର ବାହାରେ ସର୍ବଦା, ସର୍ବତ୍ର ପୂଜିତ । ବସ୍ତୁତଃ ଶିକ୍ଷକ ଯେ ଏତେ ପୂଜ୍ୟ ଓ ନମସ୍ୟ ଏହାର ପୃଷ୍ଠଭୂମିରେ ରହିଛି ଶିକ୍ଷକଙ୍କ ତ୍ୟାଗ, ସମର୍ପଣଭାବ । ନିଜର ସୁଖ ସମୃଦ୍ଧି ତ୍ୟାଗ କରି ସମାଜର ସୁଖ ଓ କଲ୍ୟାଣ ନିମନ୍ତେ ଶିକ୍ଷକ ନିଜକୁ ଉତ୍ସର୍ଗ କରିଥାନ୍ତି । ଏ କ୍ଷେତ୍ରରେ ଗୁରୁ କେବଳ ନାମକୁ ମାତ୍ର ଗୁରୁ ନୁହଁନ୍ତି, ସେ ଉପଯୁକ୍ତ ଶିକ୍ଷା ପ୍ରଦାନକାରୀ ଗୁରୁ ରୂପରେ କଥିତ ହୋଇଥାନ୍ତି । ଆଦର୍ଶ ସମାଜ ଗଠନ ଦିଗରେ ଶିକ୍ଷକ ହିଁ କଲ୍ୟାଣକାରୀ ଭୂମିକା ସମ୍ପାଦନ କରିଥାନ୍ତି । ଏଭଳି ଭୂମିକା ନିର୍ବାହକାରୀ ଗୁରୁ ରାଜାଙ୍କଠାରୁ ରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ପ୍ରାତଃ ସ୍ମରଣୀୟ ଓ ବନ୍ଦନୀୟ । କବୀରଙ୍କ ଭଳି ସିଦ୍ଧ ପୁରୁଷ ମଧ୍ୟ ଗୁରୁଙ୍କୁ ଗୋବିନ୍ଦଙ୍କ ଠାରୁ ଶ୍ରେଷ୍ଠ ମାନୁଥିଲେ । ଏହା ଉତ୍ଥାନ ଓ ପତନ ସମୟର ଶାଶ୍ୱତ ନିୟମ । ସମୟକ୍ରମେ ଶିକ୍ଷକ ସମାଜରେ ନିଜର ଏହି ଉଚ୍ଚସ୍ଥାନ ବଜାୟ ରଖିବାରେ ସକ୍ଷମ ହେଲେନାହିଁ । ସମାଜକୁ ଦିଗ୍‌ଦର୍ଶନ ଦେଇ ସତ୍‌ମାର୍ଗରେ ନେବା, ସମାଜର କଲ୍ୟାଣସାଧନ, ସାମାଜିକ ମୂଲ୍ୟବୋଧର ସୁରକ୍ଷା, ଜ୍ଞାନ, ବୁଦ୍ଧି ଏବଂ ଉତ୍ସୁକତାକୁ ଅବଦମିତ କରିବାକୁ ନଦେବା, ନିଃସନ୍ଦେହରେ ଆଦର୍ଶ ଶିକ୍ଷକଙ୍କ କର୍ତବ୍ୟ । ଏହି ଧରଣର ଶିକ୍ଷକଙ୍କୁ ସମ୍ମାନ ଦେବା, ଆଦର କରିବା, ସେମାନଙ୍କର ଆବଶ୍ୟକତା ପ୍ରତି ଦୃଷ୍ଟି ଦେବା, ସମାଜରେ ସେମାନଙ୍କ ସର୍ବୋଚ୍ଚ ସ୍ଥାନ ସୁରକ୍ଷିତ କରିବା ମଧ୍ୟ ଆଦର୍ଶ ସମାଜର ମୌଳିକ ଲକ୍ଷ୍ୟ ହେବା ଆବଶ୍ୟକ । ପୂଜ୍ୟଶ୍ରୀ କୁମାର ଭାଇଙ୍କ ଚିନ୍ତା ଓ ଚେତନାରେ ତାଙ୍କ ପ୍ରତିଷ୍ଠିତ ଆନ୍ତର୍ଜାତିକ ଅଶୋଭନୀୟତା ନୀରୋଧ ଆନ୍ଦୋଳନରେ କାର୍ଯ୍ୟରତ କର୍ମୀ ଓ ଶିକ୍ଷୟତ୍ରୀମାନେ ଜଣେ ଜଣେ ସ୍ୱୟଂ ଆଚାର୍ଯ୍ୟ ।

ଶୋଭନୀୟ ଶିକ୍ଷାଶ୍ରମରେ ପିଲାମାନଙ୍କୁ ଗୁରୁ ଭକ୍ତିର ଶିକ୍ଷା ସର୍ବଦା ପ୍ରଦାନ କରାଯାଇଥାଏ । ପିଲାଟି ନିଜ ଜୀବନକୁ ଏକ ଶୋଭନୀୟ ଗୁରୁକୂଳ ପରିବେଶ ଭିତରେ ଗଠନ କରି ଏକ ମୂଲ୍ୟବୋଧ ଭିତିକ ସମାଜ ଗଢ଼ିବା ପାଇଁ ସଂକଳ୍ପ ନେଇଥାଏ । ଏ ସମ୍ପର୍କରେ ସମାଜ ଓ ଶିକ୍ଷକ ଆତ୍ମଚିନ୍ତନ କରିବା ଆବଶ୍ୟକ । କାରଣ ଆଦର୍ଶର ସ୍ୱରୂପକୁ ଦୁହେଁ କାଏମ ରଖିବାରେ ସମର୍ଥ ହୋଇନାହାନ୍ତି । ସମାଜରେ ଯଦି ଜ୍ଞାନ ଏବଂ ମହତ୍ କାର୍ଯ୍ୟର ଯଥାର୍ଥ ଆଦର ନହୁଏ, ପଦବୀ ସହ ନିହିତ ଶକ୍ତି, ଭୌତିକ ପ୍ରାପ୍ତି, ବାସ୍ତୁବାଦୀ, ଚିନ୍ତାଧାରା ପ୍ରସାରଲାଭ କରେ, ଧନ ପ୍ରାପ୍ତିକୁ ସର୍ବୋଚ୍ଚ ସ୍ଥାନ ଦିଆଯାଏ, ଶିକ୍ଷାଦାନ ଭଳି ମହାନ କାର୍ଯ୍ୟର ଗୁରୁତ୍ୱକୁ ଶିକ୍ଷକମାନେ ପାଶୋରି ଯାଆନ୍ତି ତେବେ ଆଦର୍ଶ ସମାଜ ଗଠନ କେବଳ ସ୍ୱପ୍ନରେ ହିଁ ରହିଯିବ । ଦେଶରେ ଚିରକାଳ ଗୁରୁ ଶିଷ୍ୟର ଜୀବନର ଗତି ନିର୍ଦ୍ଦେଶ କରିଆସୁଛନ୍ତି । ଗୁରୁ ଶିଷ୍ୟକୁ ଶାସନ କରନ୍ତି ଏବଂ ନିଜର ଶାସନ ପାଇଁ ଜୀବନକୁ ଅନନ୍ତ ସାଧନାରେ ସିଦ୍ଧ କରୁଥାନ୍ତି । ଭଗବାନ ଯେପରି ଜୀବଜନ୍ତୁ ଓ ଶିଶୁମାନଙ୍କର ଶାସନ ନିମନ୍ତେ ପ୍ରକୃତିର ଅନନ୍ତ ଶକ୍ତି ସଜାଡ଼ି ଅଛନ୍ତି, ବାଲ୍ୟ – ଶୈଶବର ସ୍ନେହମିଶ୍ରିତ ଶାସନ ପାଇଁ ଯେପରି ପିତାମାତା ଓ ସ୍ୱଜନମାନଙ୍କ ହୃଦୟରେ ନୈସର୍ଗିକ ଆନନ୍ଦ ରଖିଅଛନ୍ତି, ଗୁରୁ ସେହିପରି ରୀତିରେ ନିଜେ ଶାସ୍ତ୍ରର ନୀତିରେ ଶାସିତ ହୁଅନ୍ତି । ପିତାମାତାଙ୍କ ଆଦେଶ ପାଳିଲେ ଯେପରି ମଙ୍ଗଳ ହୁଏ ଗୁରୁଙ୍କର ଆଦେଶ – ଉପଦେଶ ପାଳିବା ଦ୍ୱାରା ସେହିପରି ସୁମଣିଷ ହେବାର ବାଟ ଫିଟିଯାଏ ।

ଓଡ଼ିଆ ଭାଗବତ କହେ – 'ଗୁରୁଙ୍କୁ ନମଣିବ ନର, ଗୁରୁ ଯେ ସାକ୍ଷାତ ଈଶ୍ୱର ।' ଶିରିଡ଼ି ସଂସ୍ଥାର ଗୁରୁ ଚନ୍ଦ୍ରଭାନୁ ଶତପଥୀ ଗୁରୁଙ୍କୁ ପ୍ରଶଂସା କରି ଲେଖିଛନ୍ତି 'ତମେ ହିଁ ବାଞ୍ଛା କଳ୍ପତରୁ, ତମେ ହିଁ କାମଧେନୁ ଗୁରୁ, ତମେ ଯେ ଦିବ୍ୟ ସ୍ୱର୍ଣମଣି, ତମେ ହିଁ ଆଶା ବୈତରଣୀ' । ଗୁରୁ ଯୁଗ ଯୁଗ ଧରି ନମସ୍ୟ ।

# ପୂର୍ଣ୍ଣବ୍ରହ୍ମ ଶ୍ରୀ ଜଗନ୍ନାଥ

**ପୁଷ୍ପମିତ୍ର ମହାପାତ୍ର**

ଜଗନ୍ନାଥ ସଂସ୍କୃତି, ଇତିହାସ କହିଲେ ଜଗନ୍ନାଥଙ୍କ ଇତିହାସ । ଶ୍ରୀ ଜଗନ୍ନାଥ ହିଁ କେବଳ ସୁପ୍ରସିଦ୍ଧ ଓଡ଼ିଶା ବାସୀଙ୍କ ଧର୍ମ ଓ ବିଶ୍ୱାସର ପ୍ରାଣକେନ୍ଦ୍ର । ସେ ଓଡ଼ିଶା ବାସୀଙ୍କ ଦୃଷ୍ଟିରେ ମଦନ ସୁନ୍ଦର ନୁହଁନ୍ତି; କାଳିଆ । ପଦ୍ମଲୋଚନ ନୁହନ୍ତି; ଚକାଡୋଳା । ଚତୁର୍ଭୁଜ ନୁହନ୍ତି; ବଳିଆର ଭୁଜ । ଏ ଦେଶରେ ଶୈବ, ସୌର, ଶାକ୍ତ, ଜୈନ, ବୌଦ୍ଧ, ଗାଣପତ୍ୟ ଓ ବୈଷ୍ଣବ ପ୍ରଭୃତି କେତେକେତେ ଧର୍ମବାଦର ବନ୍ୟା ପ୍ଲାବିତ ହୋଇ କେତେକେତେ ଧର୍ମଗୁରୁ ଓ ମତପ୍ରଚାରକ ଆସି ସ୍ୱସ୍ୱ ମତବାଦ ପ୍ରଚାର କରି ଯାଇଛନ୍ତି, ତଥାପି କେହି ଜଗନ୍ନାଥଙ୍କୁ ନିଜର କରିପାରିନାହାନ୍ତି । ଦାରୁକୁ ପଥର କରି ପାରିନାହାନ୍ତି କିମ୍ବା ରୂପରେ କୌଣସି ପରିବର୍ତନ ଘଟାଇ ପାରିନାହାନ୍ତି କିନ୍ତୁ ଯାହାକିଛି ନୂତନ, ଯାହା କିଛି ଗ୍ରାହ୍ୟବୋଲି ତତ୍କାଳୀନ ଜନତାର ମନରେ ସ୍ୱତଃସିଦ୍ଧ ହୋଇଛି, ସେ ସବୁକୁ ଜଗନ୍ନାଥଙ୍କ ପୂଜାବିଧିରେ ଖଞ୍ଜିଦିଆଯାଇଛି । ଏଣୁ ପ୍ରାଚୀନ ତମ ଧର୍ମୀୟ ପରମ୍ପରାରୁ ଆରମ୍ଭକରି ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମ ପର୍ଯ୍ୟନ୍ତ ସବୁଧର୍ମର ପୂଜାବିଧି ଜଗନ୍ନାଥଙ୍କ ପୂଜାରେ ପ୍ରଚଳିତ । ଦୁଇ ବାହୁ ପ୍ରସାରଣ ପୂର୍ବକ ଜଗନ୍ନାଥ ସମସ୍ତ ଧର୍ମ ଓ ସମସ୍ତ ଦର୍ଶନକୁ ଆଲିଙ୍ଗନ କରି ନିଜର କରିନେଇଛନ୍ତି ଅଥଚ ନିଜେ ଅଚଳ ଓ ଅଟଳ ଭାବେ ଶ୍ରୀନୀଳ କନ୍ଦରରେ ପତିତପାବନ ବାନା ଉଡାଇ ରତ୍ନସିଂହାସନରେ ବିଜେ କରିଛନ୍ତି । ପୁରାଣ ଯୁଗରୁ ଆରମ୍ଭକରି ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଯାଏ ପୌରାଣିକ, ଐତିହାସିକ ତଥା ଧର୍ମ ଧ୍ୱଜାଧାରୀ ପଣ୍ଡିତମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଧାରଣାମାନ ପୋଷଣ କରାହୋଇଛି ।



ହେଲେ ଆଜିଯାଏ ସୁଦ୍ଧା କେବେ କିପରି କାହାଦ୍ୱାରା ଶ୍ରୀଜଗନ୍ନାଥଙ୍କ ପୂଜାର ପ୍ରବର୍ତନ କରାଗଲା ସେ ବିଷୟରେ କୌଣସି ସବିଶେଷ ତଥ୍ୟ ନିଃସନ୍ଦିଗ୍ଧ ଭାବେ ପ୍ରକାଶ କରିପାରିନାହାନ୍ତି । ଖାଲି ସେତିକି ନୁହେଁ, ଜଗନ୍ନାଥ ଉପାସନା ବିଭିନ୍ନ ଧର୍ମ ମତବାଦର ସମନ୍ୱୟ ପୀଠ ରୂପେ ଗ୍ରହଣ କରିବା ପାଇଁ ଶୈବ, ଶାକ୍ତ ଓ ବୈଷ୍ଣବ ଆଦି ତିନି ସମ୍ପ୍ରଦାୟର ଏକ ମିଳିତ ପ୍ରଚେଷ୍ଟା ମଧ୍ୟ ବିଭିନ୍ନ ଶାସ୍ତ୍ରମାନଙ୍କରୁ ଦୃଷ୍ଟିଗୋଚର ହୁଏ । ଫଳରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ଯଥାକ୍ରମେ ବିଷ୍ଣୁ ଶକ୍ତି ଓ ଶିବଲିଙ୍ଗରୂପେ ଏକତ୍ର ଉପାସିତ ହୋଇ ଆସିଥିବା ଦେଖାଯାଏ । ଏହିପରି ଭାବରେ ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ ପ୍ରଭୃତି ସମସ୍ତେ ଦାରୁବ୍ରହ୍ମଙ୍କୁ ନିଜର ବୋଲି ପ୍ରମାଣିତ କରିବାକୁ ଯଥାକ୍ରମେ ଚେଷ୍ଟାକରି ଆସିଛନ୍ତି କିନ୍ତୁ ଦାରୁବ୍ରହ୍ମ କାହାରି ହୋଇନାହାନ୍ତି । ବରଂ ଏହା ଆଦିମ ଅଷ୍ଟ୍ରିକ୍‌-ଶବର-ଗୋଷ୍ଠୀଦ୍ୱାରା ପ୍ରଚଳିତ ବୃକ୍ଷପୂଜାର ଅବଶେଷ ଦାରୁପୂଜା ବୋଲି ପ୍ରମାଣିତ ହୋଇଛି । ଏହି ପରିପ୍ରେକ୍ଷିରେ ଦାରୁମୂର୍ତିକୁ ସଂସ୍କୃତିର ଆଦିମ ଉତ୍ସରୂପେ ଉତ୍କଳୀୟ ଧର୍ମଧାରାରେ ବୃକ୍ଷ ଉପାସନାର ପରମ୍ପରାକୁ ଆଲୋଚନାର ପରିସର ଭୁକ୍ତ କରାଯାଇପାରେ । ଓଡ଼ିଆ ସଂସ୍କୃତିରେ ବର, ଅଶ୍ୱସ୍ଥ, ବିଲ୍ୱ, ଅଶୋକ, ଅଁଳା ଓ ତୁଳସୀବୃକ୍ଷର ଉପାସନା ବହୁ କାଳରୁ ଆଦରଲାଭ କରିଆସିଛି । ଏହି ଉପାସନା ମୁଖ୍ୟତଃ ଶବର ସଂସ୍କୃତିରୁ ଜନ୍ମଲାଭ କରିଛି । ଏଣୁ ସାଧାରଣତଃ ସେମାନେ ବୃକ୍ଷଉପାସକର ମର୍ଯ୍ୟାଦାଲାଭ କରିଛନ୍ତି । ସୌରା ସମ୍ପ୍ରଦାୟର ଶବରମାନଙ୍କ ମତରେ ଜଗତକର୍ତା ପ୍ରଥମେ ବୃକ୍ଷ ସୃଷ୍ଟି କରିଥିଲେ । ତେଣୁ ଶବରମାନେ ବୃକ୍ଷକୁ ନିଜଗୋତ୍ରର ସଂକେତ ହିସାବରେ ପୂଜାକରିଥାଆନ୍ତି ।

ଶବର ବୁଝିଥିଲା ଯେ ଏ ସଂସାର ଏକ ବୃକ୍ଷ ସଦୃଶ । ମନୁଷ୍ୟର ଶରୀର ତଥା ମନ ଏକ ବୃକ୍ଷତୁଲ୍ୟ ଓ ପଂଇନ୍ଦ୍ରିୟମାନେ ଏହି ଶରୀର ରୂପକବୃକ୍ଷର ଶାଖାପ୍ରଶାଖା ସଦୃଶ । ଅଥର୍ବ ବେଦରେ ବୃକ୍ଷକୁ ଦେବସଦନ ବୋଲି କୁହାଯାଇଛି । ଏସବୁ କହିବାର ତାତ୍ପର୍ଯ୍ୟ ହେଉଛି, ବୃକ୍ଷ ବା ଦାରୁ ଉପାସନାର ପ୍ରାଧାନ୍ୟ ଶବର ସମ୍ପ୍ରଦାୟ ମଧ୍ୟରେ ବହୁକାଳରୁ ଚଳିଆସିଛି । ଏଥିରୁ ପ୍ରମାଣିତ ହୁଏ ଯେ ଦାରୁମୂର୍ତି ବିକାଶର ପରମ୍ପରା ଓ ସଂସ୍କୃତି ଶାବର ସଭ୍ୟତାରୁ ଜନ୍ମଲାଭ କରିଛି । ଆଧାତ୍ମିକ ଚିନ୍ତାଧାରାର ଅପୂର୍ବ ସମନ୍ୱୟର ଫଳ ସ୍ୱରୂପ ଦାରବୀୟ ଜଗନ୍ନାଥ ଶବର ଉପାସିତ ଦାରୁଦେବତାର ରୂପାନ୍ତରିତ ହୋଇଛନ୍ତି । ଅନାର୍ଯ୍ୟ ଶବର ଦେବତା କିତୁଂ ଓ ଆର୍ଯ୍ୟମାନଙ୍କର ଜଗନ୍ନାଥ, ଯେକି ଦାରୁମୂର୍ତି ସଂସ୍କୃତିର ପ୍ରତୀକ ସେ ଏକ ଅଭିନ୍ନ । ଏଥିରେ ସନ୍ଦେହର ଅବକାଶ ନାହିଁ । ଏହି ପରିପ୍ରେକ୍ଷୀରେ ଦାରୁମୂର୍ତି ସଂସ୍କୃତିର ପ୍ରତୀକ ଶ୍ରୀ ଜଗନ୍ନାଥ ଓ ଶବର ଦେବତା ନୀଳମାଧବ ଯେ ଏକ ଅଦ୍ୱିତୀୟ ଓ ଅଭିନ୍ନ ଏହା ସର୍ବବାଦୀ ସମ୍ମତ । ତେଣୁ ଉତ୍କଳୀୟ ସଂସ୍କୃତିରେ ଶ୍ରୀ ଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ବ୍ରହ୍ମଦାରୁ ସଂସ୍କୃତିର ଉଜ୍ଜ୍ୱଳମୟ ପରମ୍ପରାକୁ ଯୁଗଯୁଗ ଧରି ବହନ କରିଆସିଛି । ଆଦିମ ଶବରମାନଙ୍କ ଉପାସିତ ଦାରୁ ପୂଜାର କ୍ରମ ବିକାଶ ଓ ପରିଣତି ଏ କ୍ଷେତ୍ରର ସର୍ବାଧିକ ସହାୟକ ହୋଇଛି । ଏହା ସୁସ୍ପଷ୍ଟ ଯେ ଆଜିର ରତ୍ନସିଂହାସନାଧିରୁଢ଼ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ପୌରାଣିକ କିମ୍ବଦନ୍ତୀର ରହସ୍ୟମୟ ନୀଳମାଧବ ପରବର୍ତୀ କାଳରେ ଦାରୁମୂର୍ତି ସଂସ୍କୃତିର ସାକାର ପରିକଳ୍ପା ମଧ୍ୟରେ ପ୍ରତିଷ୍ଠାଲାଭ କରିଛନ୍ତି । ଏହି ପୁରୁଷୋତମ କ୍ଷେତ୍ରାଧିଷ୍ଠିତ ଦାରୁରୂପୀ ପ୍ରଭୁ ଶ୍ରୀଜଗନ୍ନାଥ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଏକ ବାସ୍ତବ ଭାବରେ ଶ୍ରୀକ୍ଷେତ୍ରାଧିଷ୍ଠିତ ହୋଇ ସକଳ ଗତି, ମୁକ୍ତିର ଆଧାର ରୂପେ ଅନୁଗୃହୀତ ହୋଇ ଆସିଛନ୍ତି । ସେ ସ୍ୱୟଂ ଆଦି ଅନ୍ତହୀନ ପରଂବ୍ରହ୍ମ ।

ବହୁ ପୁରାତନ କାଳରୁ ଉତ୍କଳ ଭୂମିରେ ବୈଦିକ ଧର୍ମ, ଦର୍ଶନ ବିସ୍ତାର ଲାଭ କରିଥିବା ବେଳେ କାଳକ୍ରମେ ଏହି ସନାତନ ଧର୍ମରୁ ଜାତି ପ୍ରଜାତି ଓ ବହୁ ଧର୍ମୀୟ ଧାରାକୁ ଉତ୍କଳୀୟମାନେ ଉଦାର ଚିତରେ ସମ୍ମାନ ଦେଇ ଆସିଛନ୍ତି । ଏହି କାରଣୁ ଉତ୍କଳ ଭୂମିରେ ଜୈନ, ବୌଦ୍ଧ, ଶାକ୍ତ, ଶୈବ, ରୁଦ୍ର, ଗାଣପତ୍ୟ, ମହିମା, ଶୂନ୍ୟବାଦ ଆଦି ସବୁ ଧର୍ମ ତତ୍ତ୍ୱ ଓ ଦର୍ଶନର ମହାମିଳନ ଘଟିଛି । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଏହାର ଜ୍ୱଳନ୍ତ ଉଦାହରଣ । ଭଗବତ୍ ଆରାଧନା ଯଦି ଆତ୍ମାକୁ ମାଟିର ମାୟାଠାରୁ ଉର୍ଦ୍ଧ୍ୱଗାମୀ କରୁଥାଏ ତେବେ ସେଇ ପରମାତ୍ମାଙ୍କର ସ୍ୱରୂପ ଚିନ୍ତନ ଓ ଅର୍ଚ୍ଚନା ପାଇଁ ଆବ୍ରାହ୍ମଣ ଚଣ୍ଡାଳ ସମସ୍ତଙ୍କ ମୌଳିକ ଅଧିକାରକୁ ଏହି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ସ୍ୱିକୃତୀ ପ୍ରଦାନ କରିଆସିଛି । ଉତ୍କଳର ସାଂସ୍କୃତିକ ପ୍ରବାହରେ ମାନବିକ ପ୍ରାଣୋଚ୍ଛ୍ୱାସର ଭକ୍ତବତ୍ସଳ ପ୍ରଭୁ ଶ୍ରୀ ଜଗନ୍ନାଥ, ସଂସ୍କୃତିର ମହାପ୍ରବାହକୁ ଉଜ୍ଜିବୀତ କରିବାପାଇଁ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ଉଦ୍‌ଗ୍ରୀବ ଭକ୍ତମାନଙ୍କ ଗହଣକୁ । ବିସ୍ମୟ ଓ ବିସ୍ଫାରିତ ନୟନରେ ବିଶାଳ ବାହୁ ବିସ୍ତାର କରି ଆପଣାର କରିନିଅନ୍ତି ସମସ୍ତ ଭକ୍ତଜନଙ୍କୁ । ଏହିଠାରେ ହିଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ଥାପିତ ହୋଇଥାଏ ଅପୂର୍ବ ସମନ୍ୱୟର ସେତୁ । ଏହି ସମନ୍ୱୟ ସଂସ୍କୃତିର ଅମୃତ ଝଙ୍କାରରେ କେବଳ ଓଡ଼ିଶା ନୁହେଁ, କି ଭାରତ ବର୍ଷନୁହେଁ ସମଗ୍ର ସୃଷ୍ଟିର ଜନଜୀବନକୁ ଯୁଗଯୁଗ ଧରି ଗଭୀର ଭାବଗତ ସ୍ତରରେ ଏକାତ୍ମ କରିଦିଏ । ଶ୍ରୀଜଗନ୍ନାଥଙ୍କ ଶରଣ ନେଲେ ଜୀବନ ଜଗନ୍ନାଥମୟ ହୋଇଥାଏ । ପ୍ରତ୍ୟେକ ଦୃଶ୍ୟରେ ପୁରୁଷୋତମ ଜଗନ୍ନାଥଙ୍କୁ ଦର୍ଶନ କରିହୁଏ । ପ୍ରତ୍ୟେକ ଚିନ୍ତାରେ ସେ ଚିନ୍ତାମଣି ଜଗନ୍ନାଥଙ୍କୁ ଉପଲବ୍ଧ କରିହୁଏ ତାହା ହିଁ ଜୀବନର ସାର୍ଥକତା ଏବଂ ପରିପୂର୍ଣ୍ଣତା ।

ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

# 'ଗୁଣ୍ଡିଚା ନାମେ ମୋ ଯାତ୍ରା ପରନପାବନୀ, ରଥଯାତ୍ରା ନାମେ ଖାତ ହେବ ଯେ ଅବନୀ.....'

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଶ୍ରୀଜଗନ୍ନାଥ ଓଡ଼ିଶାର ସର୍ବଜନମାନ୍ୟ ରାଷ୍ଟ୍ରଦେବତା । ଓଡ଼ିଆ ଜାତିର ଧର୍ମ, କଳା, ସଭ୍ୟତା, ସଂସ୍କୃତି, ସାହିତ୍ୟ, ଦର୍ଶନ ଓ ଆଧାତ୍ମିକ ଚେତନାର ପ୍ରତୀକ ହେଉଛନ୍ତି ଜଗନ୍ନାଥ । ଜଗନ୍ନାଥ ଧର୍ମ ମୈତ୍ରୀ ଧର୍ମ-ଭାବ ହେଉଛି ବିଶ୍ୱଭ୍ରାତୃତ୍ୱଭାବ । ଜଗନ୍ନାଥ ଏ ଜାତିର ନେତା-ନିୟନ୍ତା ଓ ନିୟାମକ । ଏ ଜାତିର କେତେ ହସକାନ୍ଦି କେତେ ଲୁହ ଲୁହ କେତେ ହର୍ଷବିଷାଦ-କେତେ ଉତଥାନପତନ ସବୁଥିରେ ପ୍ରଭୁ ଜଗନ୍ନାଥ ଏ ଜାତିକୁ ତାର ବାହୁଛାୟାତଳେ ତୋଳି ଧରିଛି । ଅତଏବ ଏ ଗୁଣ୍ଡିଚା ଯାତ୍ରା ହେଉଛି ବାସ୍ତବରେ ମାନବବାଦର ଯାତ୍ରା । ଶ୍ରୀଜଗନ୍ନାଥ ସମେତ ଚତୁର୍ଦ୍ଧାମୂର୍ତିଙ୍କ ରଥାରୋହଣ, ବଡ଼ଦାଣ୍ଡ ଭ୍ରମଣ, ରଥୋତ୍ସବ କାଳୀନ ବିଧାନ ମଧ୍ୟରେ ମାନବୋଚିତ ଜୀବନଚର୍ଯ୍ୟାର ସମସ୍ତ ଦିଗ ପାଳନପୂର୍ବକ ଅନୁସୃତ ହୋଇଥାଏ । ଏ ଯାତ୍ରା ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟଧାରା ସହିତ ଜଡ଼ିତ । ଜୈନ, ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବାଦି ଧର୍ମର ଧାରା ଓ ଦର୍ଶନକୁ ଆତ୍ମସ୍ଥ କରି ଦାରୁଦେବତା ବା ନାଗ ଓ ଶବରର ସମନ୍ୱୟର ଦେବତା ଜଗନ୍ନାଥରୂପେ ଶ୍ରୀମନ୍ଦିରରେ ଉଭା ହୋଇଛନ୍ତି । ତେଣୁ ଏ ଯାତ୍ରା ସତରେ ଶ୍ରୀଜଗନ୍ନାଥ ଧର୍ମଚେତନାର ଏକ ଅପୂର୍ବ ମାନବୀୟ ରୂପାୟନ ।

ପ୍ରସିଦ୍ଧ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ କେତେ ଯେ ମହାତ୍ମା ପୂଣ୍ୟାତ୍ମା ମହାପ୍ରଭୁଙ୍କ ଦର୍ଶନାର୍ଥେ ଶ୍ରୀକ୍ଷେତ୍ରକୁ ଆସିଛନ୍ତି, ତାର କଳନା ନାହିଁ । ଭଗବାନ ବୁଦ୍ଧଙ୍କ ଠାରୁ ଆଦି ଶଙ୍କାରାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ସନ୍ଥକବିର, ରାମାନନ୍ଦ, ରାମାନୁଜ, ନାନକ, ଶ୍ରୀଚୈତନ୍ୟଙ୍କ ଠାରୁ ଭକ୍ତ ସାଲବେଗ ଓ ସିପୁଟି ଠାରୁ ବନ୍ଧୁ ମହାନ୍ତି, ଦାସିଆ ବାଉରୀ ପର୍ଯ୍ୟନ୍ତ ସମସ୍ତେ ଧାଇଁ ଆସିଛନ୍ତି ମହାପ୍ରଭୁଙ୍କ ଦର୍ଶନ ପାଇଁ । 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ' – ଅର୍ଥାତ୍ ରଥ ଉପରେ ବାମନରୂପୀ ଜଗନ୍ନାଥଙ୍କୁ ଦର୍ଶନ କଲେ, ଆଉ ପୁନର୍ଜନ୍ମ ହୁଏ ନାହିଁ । ଅତଏବ ରଥାରୂଢ଼ ପତିତପାବନ ଜଗନ୍ନାଥ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ମାନବ ଧର୍ମ-ଦର୍ଶନକୁ ଏକାକାର କରି ସମନ୍ୱୟର ପ୍ରତୀକ ଭାବରେ ଉଭା ହୋଇଛନ୍ତି । ଏହା ଚେତନାର ଜନ୍ମବେଦୀରୁ ଆରମ୍ଭ ହୋଇ ଭକ୍ତର ହୃଦୟବେଦୀ ପର୍ଯ୍ୟନ୍ତ ଏ ଯାତ୍ରା ମହାବେଦୀ ଯାତ୍ରା ମହାମାନବ ମିଳନର ଯାତ୍ରା ବା ମୋକ୍ଷଯାତ୍ରା । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଦଶାବତାର ଯାତ୍ରା କୁହାଯାଏ । କାରଣ ରଥଯାତ୍ରା ସମୟରେ ଜଗନ୍ନାଥ ଦଶାବତାର ଧାରଣ କରୁଥିବାରୁ ଏହି ଯାତ୍ରାକୁ ଦଶାବତାର ଯାତ୍ରା ବୋଲି କୁହାଯାଏ । ଆଉ କେତେକ ଗବେଷକ ଓ ଐତିହାସିକଙ୍କ ମତରେ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ସହିତ ବାସୁଦେବ, ଜୟଦୁର୍ଗା, ଯୋଗମାୟା, ମଦନମୋହନ, ରାମକୃଷ୍ଣ – ଏହି ଦଶ ମୂର୍ତି ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ଦଶାବତାର ଯାତ୍ରା କୁହାଯାଏ । ଏହା ବ୍ୟତୀତ ଗୁଣ୍ଡିଚାଯାତ୍ରା-ନବଦିନାତ୍ମିକାଯାତ୍ରା-ପତିତପାବନ ଯାତ୍ରା-ବ୍ରହ୍ମଯାତ୍ରା-ଜନକପୁରୀଯାତ୍ରା-ଆଡ଼ପଯାତ୍ରା ଭାବରେ ମଧ୍ୟ ଏହା ବିଦିତ । ଏ ସମ୍ପର୍କରେ 'ଜଗନ୍ନାଥ ପୁରଣ'ରେ ଉଲ୍ଲେଖ ଅଛି – 'ଗୁଣ୍ଡିଚା ନାମେ ମୋ ଯାତ୍ରା ପରନପାବନୀ, ରଥଯାତ୍ରା ନାମେ ଖାତ ହେବ ଯେ ଅବନୀ । ଜାତିଗୁଣ ନାମଧାମ ସବୁ ପଛକରି । ଏକୀଭୂତ ମନୋଭାବ ପୁଣ୍ୟଫଳଧରି ।' ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ରଥର ପାର୍ଶ୍ୱ ଦେବତାଙ୍କ ଗୁରୁତ୍ୱପୂର୍ଣ୍ଣ ପୂଜା ବିଧି ଓ ନୀତିକାନ୍ତି ରହିଛି । ପ୍ରଭୁଙ୍କ ରଥାରୋହଣ ପରେ ରଥ ଓ ପଥ ମଧ୍ୟ ଦେବତାର ପ୍ରାଧାନ୍ୟ ଲାଭ କରିଥାନ୍ତି । ଏହି ରଥ ତିନୋଟିରେ ବିଜେ ହୋଇଥାଆନ୍ତି ବହୁ ଦେବାଦେବୀ । ଯାହା ହୁଏତ ସ୍ଥୁଳ ଦୃଷ୍ଟିରୁ ଦେଖାଯାଏ ନାହିଁ କିନ୍ତୁ ଅନୁଭବ କରିହୁଏ ସୂକ୍ଷ୍ମଦୃଷ୍ଟିରେ । ପୁନଶ୍ଚ ପ୍ରତ୍ୟେକ ରଥର ତିନି ପାର୍ଶ୍ୱରେ ଅବସ୍ଥାନ କରନ୍ତି ପାର୍ଶ୍ୱ ଦେବତା । ତିନିରଥର ତିନୋଟି ଦିଗ ଅର୍ଥାତ୍ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଦିଗରେ ତିନୋଟି ଲେଖାଏଁ ମୋଟ ୨୭ ଜଣ ପାର୍ଶ୍ୱଦେବତା ଓ ୨ଜଣ ଲେଖାଏଁ ଦ୍ୱାରପାଳ ଶୋଭାବର୍ଦ୍ଧନ ରୂପକ ଅବସ୍ଥାନ କରିଥାନ୍ତି । ୨ ଫୁଟ ଉଚ୍ଚତା ଓ ଦେଢ଼ ଫୁଟ ଓସାରର ଏହି ପାର୍ଶ୍ୱ ଦେବତା ଆସ୍ଥାନଗୁଡ଼ିକରେ ଉକ୍ତ ରଥରେ ଆରୋହଣ କରିଥିବା ଠାକୁରଙ୍କ ଅବତାର ଗଣ ପ୍ରାୟତଃ ସୁଶୋଭିତ ହୁଅନ୍ତି । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଶିବ ଓ ବଳରାମଙ୍କର



ଅବତାର ପୁରୁଷଗଣ ଆସ୍ଥାନ ଜମାଇଥିବାବେଳେ ଦେବଦଳନ ରଥରେ ସପ୍ତମାତୃକା ଓ ଦଶମହାବିଦ୍ୟାରୁ କେତେକ ଦେବୀ ପାର୍ଶ୍ୱଦେବୀ ସାଜିଥାନ୍ତି । ଏଥିସହିତ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଶ୍ରୀକୃଷ୍ଣ ଲୀଳା, ରାମଲୀଳା ଓ ମହାବିଷ୍ଣୁଙ୍କର ଲୀଳା ପ୍ରଭୃତି ଚିତ୍ରିତ ହୋଇଥାଏ । ରଥ ପାର୍ଶ୍ୱରେ ଅବସ୍ଥାପିତ ଏହି ପାର୍ଶ୍ୱଦେବତାମାନେ ବିଭିନ୍ନ ପୌରାଣିକ କିମ୍ବଦନ୍ତୀ ଓ ଇତିହାସକୁ ମନେ ପକାଇ ଦେଇଥାନ୍ତି । ଏହା ମଧ୍ୟ କୁହାଯାଇଥାଏ ଯେ ପାର୍ଶ୍ୱ ଦେବତାଗଣ ରଥକୁ ସୁରକ୍ଷା ଦେବୀ ନିମିତ ଆବାହନ କ୍ରମେ ଆସିଥାନ୍ତି । ରଥଯାତ୍ରା ଯେହେତୁ ଶ୍ରେଷ୍ଠ ଯାତ୍ରା ଭଗବାନ ଶ୍ରୀଜଗନ୍ନାଥ ଏଥିରେ ସମସ୍ତଙ୍କୁ ସାମିଲ କରାଇବାକୁ ଚାହିଁଥାନ୍ତି । ପୁନଶ୍ଚ ରଥଯାତ୍ରା ଅବସରରେ ବିଜେ କରୁଥିବା ଦେବାଦେବୀ ପ୍ରଭୃତିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଧର ପଣା ଭଙ୍ଗା ନୀତି ଅନୁଷ୍ଠିତ ହୋଇଥାଏ । କେବଳ ଏହି ନୀତି ପାଇଁ ଠାକୁରେ ଗୋଟାଏ ଦିନ ରଥରେ ଅଧିକ ଅବସ୍ଥାନ କରିଥାନ୍ତି ।

ମହାପ୍ରଭୁ ଜଗନ୍ନାଥଙ୍କର ଏ ଆଷାଢ଼ ଉତ୍ସବ ସଂସାର ଜଞ୍ଜାଳରୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶକମାନଙ୍କ ମୁକ୍ତିମୋକ୍ଷ, ନିର୍ବାଣପ୍ରାପ୍ତିର ପଥ ସୁଗମ କରିଦିଏ । କି ପବିତ୍ର ଏ ପୀଠ ଓ ତାର ପରମ୍ପରା, କି ମହାନ୍ ଏ ଯାତ୍ରା । ମନୁଷ୍ୟର ସ୍ୱାଭାବିକ ଜୀବନଚର୍ଯ୍ୟା ଭଳିଯାତ୍ରା । ମହାପ୍ରଭୁ ଏ ଜାତିର ଶ୍ରଦ୍ଧାଳୁ ମଣିଷ ମେଳରେ ରଥାରୂଢ଼ ହୋଇ ନଗର ଭ୍ରମଣ ବା ଯାତ୍ରା କରନ୍ତି । ତେଣୁ କୁହାଯାଏ – 'ଗୁଣ୍ଡିଚାଯାତ୍ରା ଏ ନାମ କଲେ ଉଚ୍ଚାରଣ, ତା'ର ଶତଜନ୍ମ ପାପ ହୁଅଇ ଦହନ ।'

ସହପ୍ରତିରତ୍ନିକ ଓ ଅବସର ପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ଜଗବନ୍ଧୁ ହେ ଗୋସାଇଁ...

ଓଡ଼ିଆର ପ୍ରାଣକେନ୍ଦ୍ର ପ୍ରଭୁ ଜଗନ୍ନାଥ । ମହାପ୍ରଭୁଙ୍କୁ ବାଦ୍‌ଦେଲେ ଓଡ଼ିଆ ଜାତିର ସ୍ଥିତି, ସଂସ୍କୃତି ସବୁ ଶୂନ୍ୟ ହୋଇଯିବ । ଶ୍ରୀକ୍ଷେତ୍ରଧାମ ଦେଶର ଚାରିଧାମ – ବଦ୍ରିନାଥ, ଦ୍ୱାରକାନାଥ ଏବଂ ରାମନାଥଙ୍କ ମଧ୍ୟରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ । ଯେତେ ତୀର୍ଥ ବୁଲି ଆସିଲେ ବି ଶେଷ ଜଗନ୍ନାଥ ଧାମରେ ହୋଇଥାଏ । ଭକ୍ତମାନେ ପ୍ରଭୁ ଜଗନ୍ନାଥଙ୍କ ପାଖକୁ ଆସିଥାନ୍ତି ସେମାନଙ୍କର ସମସ୍ତ ଦୁଃଖ ଯନ୍ତ୍ରଣା ଲାଘବ କରି ମାନସିକ ଶାନ୍ତି ପାଇବା ପାଇଁ । ଶ୍ରୀଜଗନ୍ନାଥ କେବଳ ସଂସ୍କୃତି କି ପରମ୍ପରାର ଧାରକ ନୁହନ୍ତି । ପ୍ରଭୁଙ୍କର ଦୈନନ୍ଦିନ ରୀତିନୀତି ସହିତ ଅନେକ ବୈଜ୍ଞାନିକ ତତ୍ତ୍ୱ ଜଡ଼ିତ । ଶ୍ରୀଜଗନ୍ନାଥ ସଂସ୍କୃତିର ସମସ୍ତ ନୀତିକାନ୍ତ ଏବଂ ବାର୍ଷିକ ପର୍ବୋତ୍ସବ ମଣିଷର ମାନସିକ ସ୍ଥିତିକୁ ବେଶ୍ ପ୍ରଭାବିତ କରିଥାଏ । 'ଜଗବନ୍ଧୁ ହେ ଗୋସାଇଁ, ଜଗବନ୍ଧୁ ହେ ଗୋସାଇଁ, ....ମୋହ ଯିବା ଯାଏ ନନ୍ଦିଘୋଷ ଥିବ ରହି' – ଆଜି ବି କେବଳ ଓଡ଼ିଆମାନେ ନୁହଁନ୍ତି ସମଗ୍ର ବିଶ୍ୱର ଯେଉଁଠି ବି ଯେ କୌଣସି ହିନ୍ଦୁ ବିଚାରଧାରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ରହିଥିବେ ସମସ୍ତେ ଉପରୋକ୍ତ ଗୀତଟିକୁ ନିଜ ହୃଦୟ ଭିତରେ ଗୁଣୁଗୁଣଉଥିବେ । ନିଜ ଆରାଧ ଭଗବାନଙ୍କ ପ୍ରତି ଆତ୍ମସମର୍ପଣ ଓ ନିଜର ଅକ୍ଷମତା ପାଇଁ ତାଙ୍କ ଦର୍ଶନ ନପାଇ ନିଜ ଭିତରେ ଆବେଗର କୋହ, ଲୁହ ଓ ଭକ୍ତି ଭାବନାକୁ ନେଇ ତିଆରି ହୋଇଥିବା ଏହି ଭଜନର ପ୍ରତିଟି ଶବ୍ଦ ଅତ୍ୟନ୍ତ ମର୍ମସ୍ପର୍ଶୀ । ଯବନ ଭକ୍ତ ସାଲବେଗ ନିଜ ଜାତି ପାଇଁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଦର୍ଶନ ନପାଇ ସେବାୟତଙ୍କ ଠାରୁ ଯେଉଁପରି ଯନ୍ତ୍ରଣା ପାଇଥିଲେ ସେଇଠୁ ସିଧା ସମୁଦ୍ର କୂଳକୁ ଯାଇ ଏକ ବାଲିରଥ ତିଆରି କରି ଯବନ ଭକ୍ତ ସାଲବେଗ ନିଜ ନିଃସ୍ୱାର୍ଥ ଭକ୍ତି ଭାବନାକୁ ନେଇ ନିଜ ମଣିମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭାବ ପ୍ରବଣ ହୋଇ ଯେଉଁ ଧାଡ଼ିଟି ତାଙ୍କ ହୃଦୟ ଭିତରୁ ବାହାରି ଆସିଥିଲା ତାହା ଥିଲା 'ମୋହ ଯିବା ଯାଏ ନନ୍ଦିଘୋଷ ଥିବ ରହି' । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରା ପବିତ୍ର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସହୃଦୟ ପାଠକ ମାନଙ୍କୁ ମନେପକାଇ ଦେଉଛୁ ଏକ ଅବିସ୍ମରଣୀୟ ଘଟଣାଟିକୁ । ଓଡ଼ିଆଙ୍କ ପରିଚୟର ସବୁକିଛି ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସହୃଦୟ ପାଠକ ଓ ସିନେପ୍ରେମୀ ମାନଙ୍କ ଭିତରେ ମନ ଥିବ ଶ୍ରୀଜଗନ୍ନାଥଙ୍କ ଭକ୍ତି ଭାବନାକୁ ନେଇ କିଛି ବର୍ଷ ତଳେ ତିଆରି ହୋଇଥିଲା ଏକ ସିନେମା । ଏହି ଆବେଗଭରା ଓଡ଼ିଆ ଚଳଚ୍ଚିତ୍ର ହେଉଛି 'ଭକ୍ତ ସାଲବେଗ' । ଯେଉଁଥିରେ ଏକ ଗୀତ ଥିଲା 'ଜଗବନ୍ଧୁ ହେ ଗୋସାଇଁ' । ଗୀତଟିକୁ ଲେଖିଥିଲେ ଯବନ ଭକ୍ତ ସାଲବେଗ ଆଉ ସିନେମାରେ ତାକୁ ଗାଇଥିଲେ ଭଜନ ସମ୍ରାଟ ଭିକାରୀ ବଳ । କୋଟି କୋଟି ଓଡ଼ିଆ ସଂଗୀତପ୍ରେମୀଙ୍କୁ ଏଠାରେ ମନେପକାଇ ଦେଉଛୁ କି ଯେ, ଏହି ହୃଦୟସ୍ପର୍ଶୀ ଗୀତର ଲେଖନୀ ସହ ଏହାର କାହାଣୀ ମଧ୍ୟ ଥିଲା ଏକ ଭିନ୍ନ ଭାବନାର । ଏହି ପାରମ୍ପରିକ ଲେଖାର ଗୀତଟିର ସ୍ୱର ପ୍ରତିଟି ଓଡ଼ିଆଙ୍କ ଘରେ ଘରେ କାଳଜୟୀ ଓ ପରିଚିତି ପାଇସାରିଛି । ଓଡ଼ିଶାର ସଙ୍ଗୀତ, ସୃଜନଶୀଳ ସାହିତ୍ୟ ସବୁକିଛିକୁ ମାର୍ଗ ଦେଖାଉଥିବା ଓଡ଼ିଶା ଅଭିଲେଖାଗାରର ସଂଗୃହୀତ ତଥ୍ୟ ଅନୁଯାୟୀ ଏକଦା ଭଜନ ସମ୍ରାଟ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାନକୁ ତଲ୍ଲୀନ ଭାବଧାରାରେ ପରିବେଷଣ କରୁଥିବା ଭିକାରୀ ବଳଙ୍କ ସଂଗୀତ ଗୁରୁ ବାଳକୃଷ୍ଣ ଦାଶ ଏହି ଗୀତଟିକୁ ଗାଇଥିଲେ । ଯେତେବେଳେ ଚଳଚ୍ଚିତ୍ର 'ଭକ୍ତ ସାଲବେଗ'ର ପ୍ରଯୋଜକ ଗୀତ ଗାଇବା ପାଇଁ ଭିକାରୀ ବଳଙ୍କ ସହ ଚୁକ୍ତି କରିଥିଲେ ସେତେବେଳେ ଜଣାପଡ଼ିଥିଲା ଯେ ଏହାର ସ୍ୱର ପ୍ରଦାନ ପାଇଁ ଅନୁମତି ନିଆ ସାରିଛି ଭୁବନେଶ୍ୱର ମିଶ୍ରଙ୍କ ଠାରୁ । ସେ ସମୟରେ ଭୁବନେଶ୍ୱର ମିଶ୍ର ମୁମ୍ବାଇରେ ଥିବାରୁ ପ୍ରଯୋଜକ ମହାଶୟ ମୁମ୍ବାଇରେ ଗୀତ ଶିଖା ସହ ସେହିଠାରେ ହିଁ ରେକର୍ଡ଼ ହେବାର ବନ୍ଦୋବସ୍ତ କରିଥିଲେ । ଭଜନ ସମ୍ରାଟ ଭିକାରୀ ବଳ ମୁମ୍ବାଇ ଯାଇଥିଲେ । ସେଠାରେ ତାଙ୍କୁ କିନ୍ତୁ ଅତି ଆନନ୍ଦରେ ଭୁବନେଶ୍ୱର ମିଶ୍ର ଏକ ପ୍ରକାର ବନ୍ଧୁ ସଂଙ୍ଖୋଳି କହିଥିଲେ ଯେ ଭିକାରୀ ବଳ ଏଇଠି ମୋ ଘରେ ହିଁ ସେ ରହିବେ ଏବଂ ମୁଁ ତାଙ୍କୁ ଘରେ ରହି ହିଁ ତମାମ ଗୀତ ଓ ଏହାର ପାରମ୍ପରିକ ସ୍ୱର ସବୁକିଛି ଶିକ୍ଷା କଦେବି । ତିନି ଚାରିଦିନ ଭିତରେ 'ଭକ୍ତ ସାଲବେଗ' ଚଳଚ୍ଚିତ୍ରର ସବୁ ଗୀତ ଶିଖା ସହ ଏହାର ରେକର୍ଡ଼ିଂ ପାଇଁ ବ୍ୟବସ୍ଥା ଆରମ୍ଭ ହେଲା ।

ତୁଳସୀପୁର କଟକ

# ଦେଶରେ ଗଢ଼ିବ ନୂଆ ହାଇଡ୍ରୋଜେନ୍ ଟ୍ରେନ୍



ନୂଆଦିଲ୍ଲୀ: ଆସନ୍ତାକାଲି ଦେଶର ପ୍ରଥମ ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ଟ୍ରେନ୍‌ର ଚଳାଚଳ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିୟାଣାର ଜିନ୍ଦ-ସୋନିପତ୍ ସେକ୍ସନ୍‌ରେ ଏହି ଟ୍ରେନ୍‌ର ଶୁଭାରମ୍ଭ କରିବେ। ଏହି ଟ୍ରେନ୍‌କୁ ଏଭଳି ଭାବରେ ପ୍ରସ୍ତୁତ କରାଯାଇଛି ଯେ ଏହା ଉପରିଭାଗରେ ଥିବା ବିଦ୍ୟୁତ୍ ତାର କିମ୍ବା ଡିଜେଲ୍ ଇଞ୍ଜିନ୍ ଉପରେ ନିର୍ଭର ନ କରି ନିଜ ଭିତରେ ହିଁ ହାଇଡ୍ରୋଜେନ୍ ବ୍ୟବହାର କରି ବିଦ୍ୟୁତ୍ ଉତ୍ପାଦନ କରିପାରିବ। ଦେଶର ୯୯ ପ୍ରତିଶତରୁ ଅଧିକ ବ୍ରଡ୍ ଗେଜ୍ ନେଟୱର୍କର ବିଦ୍ୟୁତ୍‌କରଣ କରିବା ପରେ ଏହି ଉଦ୍ୟମ ଆରମ୍ଭ ହୋଇଥିଲା। ଏହି ଟ୍ରେନ ନିଜସ୍ୱ ପ୍ରଯୁକ୍ତିରେ ବିଦ୍ୟୁତ୍ ସୃଷ୍ଟି କରି ବାହାରକୁ କେବଳ ବାଷ୍ପ ଓ ଉତାପ ଛାଡ଼ିବ। ଟ୍ରେନ୍‌ରେ ୧୦ଟି ଡବା ରହିବ ଯେଉଁଥିରୁ ଆଠଟି ଯାତ୍ରୀଙ୍କ ପରିବହନ ପାଇଁ ଏବଂ ଦୁଇଟି ହାଇଡ୍ରୋଜେନ୍ ଚାଳିକ ପାୱାର କାର ରହିବ। ସେଥିରେ ୨୬୦୦ ଯାତ୍ରୀ ଯାତ୍ରା କରିପାରିବେ। ସାରା ବିଶ୍ୱରେ ଚାଲୁଥିବା ହାଇଡ୍ରୋଜେନ ଟ୍ରେନ୍‌ଗୁଡ଼ିକରେ ଦୁଇରୁ ଚାରିଟି ଲେଖାଏଁ ଡବା ରହୁଛି। ଭାରତରେ କିନ୍ତୁ ସର୍ବବୃହତ୍ ତଥା ଅଧିକ ଡବା ବିଶିଷ୍ଟ ଟ୍ରେନ୍ ଚାଳିବ।

## ଉତରପ୍ରଦେଶରେ ମୌଲାନାଙ୍କ ମନ୍ତବ୍ୟକୁ ନେଇ ବିବାଦ

# କହିଲେ ଭଗବାନ ଶ୍ରୀକୃଷ୍ଣ ମୁସଲମାନ, ସେ ନମାଜ କରୁଥିଲେ

ଲକ୍ଷ୍ନୌ: ଉତରପ୍ରଦେଶର ଜଣେ ମୁସଲିମ ଧର୍ମଗୁରୁ ମୌଲାନା ଜରଜିସ ଅନସାରୀଙ୍କ ଏକ ବିବାଦୀୟ ମନ୍ତବ୍ୟକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଭିଡିଓରେ ସେ ଦାବି କରୁଥିବା ଦେଖାଯାଇଛି ଯେ, ଭଗବାନ ଶ୍ରୀକୃଷ୍ଣ ଜଣେ ମୁସଲିମ ଥିଲେ ଓ ସେ ନମାଜ ପାଠ କରୁଥିଲେ। ଏହି ମନ୍ତବ୍ୟ ପ୍ରକାଶ ପାଇବା ପରେ ବିଭିନ୍ନ ହିନ୍ଦୁ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ କଡ଼ା ବିରୋଧ କରାଯାଇଛି। ଭାଇରାଲ ଭିଡିଓରେ ମୌଲାନା ଜରଜିସ ଅନସାରୀ କହୁଥିବା ଶୁଣିବାକୁ ମିଳିଛି ଯେ, ଶ୍ରୀକୃଷ୍ଣ ନମାଜ ପାଠ କରୁଥିଲେ ଏବଂ ତାଙ୍କ ଜୀବନଶୈଳୀ ଇସଲାମୀ ପରମ୍ପରା ସହ ମେଳ ଖାଉଥିଲା। ମୌଲାନା କହିଥିଲେ, ଗୀତାରେ ଅଛି: ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ।

ଏକାକୀ ଯତଚିତାତ୍ମା ନିରାଶୀରପରିଗ୍ରହଃ॥ ଅର୍ଥାତ୍, ଜଣେ ଯୋଗୀ ମନ ଓ ଶରୀରକୁ ବଶ କରି, କାମନା ରହିତ ଭାବରେ ଭୋଗ୍ୟବସ୍ତୁ ସଂଗ୍ରହର ଲାଳସା ତ୍ୟାଗ କରି, ଏକାନ୍ତରେ ବାସ କରି, ନିରନ୍ତର ଭଗବାନଙ୍କର ଧ୍ୟାନ କରିବା ଉଚିତ। ମୌଲାନା ଦାବି କରିଥିଲେ ଯେ, ଭଗବାନ୍ ଶ୍ରୀକୃଷ୍ଣ ସମଗ୍ର ଶରୀର ଦେଇ ଭଗବାନଙ୍କ ଉପାସନା କରିବାକୁ ଭକ୍ତମାନଙ୍କୁ କହୁଥିଲେ ଓ ସେ ନିଜେ ପାଂଚଥର ନମାଜ କରୁଥିଲେ। ଯଦି ମୋ କଥା ବିଶ୍ୱାସ ହେଉନି, ତେବେ ଗୀତାର ଷଷ୍ଠ ଅଧ୍ୟାୟର ଦଶମ ଶ୍ଳୋକ ଦେଖନ୍ତୁ। ତାଙ୍କର ଏହି ଦାବିକୁ ନେଇ ସାମାଜିକ ଗଣମାଧ୍ୟମରେ ତୀବ୍ର ଚର୍ଚ୍ଚା ଆରମ୍ଭ ହୋଇଛି। ଅନେକ ଲୋକ ଏହାକୁ ଧାର୍ମିକ ଭାବନାକୁ ଆଘାତ ପହଂଚାଇବା ଭଳି ମନ୍ତବ୍ୟ ବୋଲି କହିଛନ୍ତି। ଏହି ଘଟଣା ପରେ ହିନ୍ଦୁ ସଂଗଠନଗୁଡ଼ିକ ମୌଲାନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଏଭଳି ବୟାନ ସାମ୍ପ୍ରଦାୟିକ ସଦ୍‌ଭାବନାକୁ କ୍ଷତି ପହଂଚାଇପାରେ ଏବଂ ଧାର୍ମିକ ଉତେଜନା ସୃଷ୍ଟି କରିପାରେ। କିଛି ସଂଗଠନ ସ୍ଥାନୀୟ ପୁଲିସ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି ଏବଂ ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି। ଅନ୍ୟପଟେ, ମୌଲାନା ଜରଜିସ ଅନସାରୀ ନିଜ ବୟାନକୁ ନେଇ ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ, କାହାର ଧାର୍ମିକ ଭାବନାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ତାଙ୍କ ମନ୍ତବ୍ୟକୁ ପ୍ରସଙ୍ଗରୁ ଅଲଗା କରି ପ୍ରଚାର କରାଯାଇଛି ବୋଲି ସେ ଦାବି କରିଛନ୍ତି। ତଥାପି ତାଙ୍କ ସ୍ପଷ୍ଟୀକରଣ ପରେ ମଧ୍ୟ ବିବାଦ ଥମିନାହିଁ। ଘଟଣାକୁ ନେଇ ପୁଲିସ ପରିସ୍ଥିତି ଉପରେ ନଜର ରଖିଛି।

# ସୂର୍ଯ୍ୟ ରୋଶନୀ ପକ୍ଷରୁ ପ୍ରିମିୟମ୍ କନଜ୍ୟୁମର୍ ଡ୍ୟୁରେବଲ୍ସ ପୋର୍ଟଫୋଲିଓର ବିସ୍ତାର




ଭୁବନେଶ୍ୱର: ଭାରତର ପ୍ରମୁଖ ଏବଂ ସବୁଠାରୁ ବିଶ୍ୱସନୀୟ ବ୍ରାଣ୍ଡମାନଙ୍କ ମଧ୍ୟରୁ ଗୋଟିଏ 'ସୂର୍ଯ୍ୟ ରୋଶନୀ ଲିମିଟେଡ୍' ପକ୍ଷରୁ ଏହାର ପ୍ରିମିୟମ୍ କନଜ୍ୟୁମର୍ ଡ୍ୟୁରେବଲ୍ସ ପୋର୍ଟଫୋଲିଓର ବିସ୍ତାର କରାଯାଇଛି। କମ୍ପାନୀ ବଜାରକୁ ନୂଆ ସିରିଜର ପଖା, ୱାଟର ହିଟର ଏବଂ କିଚେନ୍ ଆପ୍ଲାୟାନ୍ସ ରେଞ୍ଜ ଆଣିଛି। ଏହି ନୂଆ ପ୍ରୋଡକ୍ଟ ରେଞ୍ଜକୁ ନିକଟରେ କୋଲକାତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଚ୍ୟାନେଲ୍ ପାର୍ଟନର୍ ମିଟ୍ରେ ଉନ୍ମୋଚନ କରାଯାଇଥିଲା, ଯେଉଁଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ଅଂଶୀଦାରମାନେ ଯୋଗ ଦେଇଥିଲେ। ଏହି ଲଂଚି ମାଧ୍ୟମରେ କମ୍ପାନୀ ପୂର୍ବ ଭାରତରେ ନିଜର ବିତରଣ ନେଟୱର୍କକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ଏହି ସଫଳ ଲଂଚ ଅବସରରେ ସୂର୍ଯ୍ୟ ରୋଶନୀ ଲିମିଟେଡ୍ର ସିଇଓ (ଲାଇଟିଂ ଏବଂ କନ୍‌ଜ୍ୟୁମର୍ ଡ୍ୟୁରେବଲ୍ସ) ବାସୁମିତ୍ର ପାଣ୍ଡେ କହିଛନ୍ତି ଯେ, 'ଆଜିର ଗ୍ରାହକମାନେ ଏମିତି ଉତ୍ପାଦ ଚାହୁଁଛନ୍ତି, ଯାହାରେ ଉତ୍କୃଷ୍ଟ ପରିଣାମ, ଶକ୍ତି ସଂଚୟ, ଆକର୍ଷଣୀୟ ଡିଜାଇନ୍ ଏବଂ ଭରସାଯୋଗ୍ୟତା ସମାନ ଭାବରେ ରହିଥାଏ। ଆମର ନୂଆ ପଖା, ୱାଟର ହିଟର ଏବଂ କିଚେନ୍ ଆପ୍ଲାୟାନ୍ସ ରେଞ୍ଜ ନବୀନତା ଭିତିକ ଉତ୍ପାଦ ବିକାଶ ଏବଂ ଭାରତୀୟ ପରିବାରର ଦୈନନ୍ଦିନ ଜୀବନକୁ ଆହୁରି ସୁବିଧାଜନକ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।' କମ୍ପାନୀର ଏହି ନୂଆ ରେଞ୍ଜରେ ଗ୍ରାହକଙ୍କ ଆଧୁନିକ ଜୀବନଶୈଳୀ ଓ ଶକ୍ତି ସଂଚୟକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଏହା ଅଧୀନରେ ଉନ୍ନତ BLDC ପ୍ରଯୁକ୍ତିସମ୍ପନ୍ନ ପ୍ରିମିୟମ୍ ଡିଜାଇନର୍ ପଖା ଝକ୍ଷରଳ ଇସକ୍ସ Deco ଓ Smart Plus ଏବଂ ଡେକୋରେଟିଭ୍ ପଖା Jewel Pro ଓ Royale ଲଂଚ କରାଯାଇଛି। ସେହିପରି ନୂଆ BEE ନିର୍ଦ୍ଦେଶିକା ଅନୁଯାୟୀ ପ୍ରସ୍ତୁତ ଶକ୍ତିସଂଚୟକାରୀ ୱାଟର ହିଟର ପୋର୍ଟଫୋଲିଓରେ Qube+, Arctic DX I Arctic EX ଷ୍ଟୋରେଜ୍ ୱାଟର ହିଟର ଏବଂ InstaWarm ଇନଷ୍ଟାଂଟ ୱାଟର ହିଟର ସାମିଲ ଅଛି। ଏହା ବ୍ୟତୀତ ରୋଷେଇ ଘରର ଆବଶ୍ୟକତା ପାଇଁ Mini Star, Alpha, Turbo ଓ Turbo Plus ସିରିଜର ପ୍ରିମିୟମ୍ ମିକ୍ସର୍ ଗ୍ରାଇଣ୍ଡର ରେଞ୍ଜ ଏବଂ ଆଧୁନିକ ଡ୍ରାଇ ଆଇରନ୍ ମଧ୍ୟ ବଜାରକୁ ଅଣାଯାଇଛି। କମ୍ପାନୀର ଏହି ନବୀନତାର ମୂଳଦୁଆ ହେଉଛି ଉତରାଖଣ୍ଡର କାଶୀପୁରରେ ଖୋଲିଥିବା ନୂଆ ଆରଆଣ୍ଡଡି ସେଂଟର, ଯାହା ଉନ୍ନତ ଗୁଣବତା ପରୀକ୍ଷାକୁ ତ୍ୱରାନ୍ୱିତ କରୁଛି।

# ରୟାଲ ଏନଫିଲ୍ଡ ପକ୍ଷରୁ ୨୦୨୬ କ୍ଲାସିକ୍ ୩୫୦ରେ ଉନ୍ମୋଚନ



ଭୁବନେଶ୍ୱର: ୨୫୦ ସିସିରୁ ୭୫୦ ସିସି ମଧ୍ୟମ କ୍ଷମତା ବିଶିଷ୍ଟ ମୋଟରସାଇକେଲ୍ ସେଗମେଂଟରେ ବିଶ୍ୱର ଅଗ୍ରଣୀ ବ୍ରାଣ୍ଡ ରୟାଲ ଏନଫିଲ୍ଡ ଏହାର ଲୋକପ୍ରିୟ କ୍ଲାସିକ୍ ୩୫୦ ମୋଟରସାଇକେଲରେ ଚାଳକ-କେନ୍ଦ୍ରିତ ଦୁଇଟି ନୂତନ ସୁବିଧା ଯୋଡ଼ିଛି। ଏହି ଚାଳକ-କେନ୍ଦ୍ରିତ ନୂତନ ସୁବିଧା ସହିତ କ୍ଲାସିକ୍ ୩୫୦ ସମସ୍ତ ଅନୁମୋଦିତ ରୟାଲ ଏନଫିଲ୍ଡ ଶୋରୁମ୍ରେ ଡୁଆଲ୍-ଚ୍ୟାନେଲ୍ ଭାରିଆଂଟରେ ଉପଲବ୍ଧ ହେବ। ଏହି ମୋଟରସାଇକେଲ୍ ନଅଟି ଆକର୍ଷଣୀୟ ରଙ୍ଗ ବିକଳ୍ପରେ ଉପଲବ୍ଧ ହେଉଥିବା ବେଳେ ଏହାର ପ୍ରାରମ୍ଭିକ (ଏକ୍ସ-ଶୋରୁମ୍) ମୂଲ୍ୟ ୧,୮୭,୪୩୪ ଟଙ୍କା ରଖାଯାଇଛି। ପ୍ରତ୍ୟେକ ଯାତ୍ରାକୁ ଅଧିକ ସହଜ ଓ ଆରାମଦାୟକ କରିବା ଉଦ୍ଦେଶ୍ୟରେ ୨୦୨୬ କ୍ଲାସିକ୍ ୩୫୦ରେ ବର୍ତ୍ତମାନ ଆସିଷ୍ଟ ଏବଂ ସ୍ଲିପର୍ କ୍ଲଚ୍ ସୁବିଧା ଦିଆଯାଇଛି। ଏହା ଫଳରେ କ୍ଲଚ୍ ପରିଚାଳନା ଅଧିକ ହାଲୁକା ଓ ସହଜ ହୋଇଥାଏ, ବିଶେଷକରି ସହରାଂଚଳରେ ଦୈନନ୍ଦିନ ଯାତାୟାତ ଏବଂ ଦୀର୍ଘ ଦୂରତା ଯାତ୍ରା ସମୟରେ। ଏହା ସହିତ ଗିଅର୍ ଅପ୍‌ସିଫ୍ଟ ଏବଂ ଡାଉନ୍‌ସିଫ୍ଟ ଅଧିକ ମସୃଣ ହୋଇଥାଏ, ଯାହା ବିଭିନ୍ନ ପ୍ରକାରର ରାସ୍ତା ପରିସ୍ଥିତିରେ ଚାଳକଙ୍କ ଆତ୍ମବିଶ୍ୱାସ ଓ ଆରାମକୁ ବଢ଼ାଇଥାଏ। ଦୈନନ୍ଦିନ ବ୍ୟବହାରକୁ ଆହୁରି ସୁବିଧାଜନକ କରିବା ପାଇଁ କ୍ଲାସିକ୍ ୩୫୦ରେ ବର୍ତ୍ତମାନ ୟୁଏସ୍‌ବି ଟାଇପ୍-ସି ଫାଷ୍ଟ ଚାର୍ଜିଂ ପୋର୍ଟ ମଧ୍ୟ ଯୋଡ଼ାଯାଇଛି। ଏହା ମାଧ୍ୟମରେ ଚାଳକମାନେ ଯାତ୍ରା ସମୟରେ ସହଜରେ ସ୍ମାର୍ଟଫୋନ୍ ଏବଂ ଅନ୍ୟାନ୍ୟ ସୁସଙ୍ଗତ ଡିଭାଇସ୍ ଚାର୍ଜ କରିପାରିବେ। ଏହି ସୁବିଧା ଦୈନନ୍ଦିନ ଯାତାୟାତ ଓ ଦୀର୍ଘ ଯାତ୍ରା ସମୟରେ ସେମାନଙ୍କୁ ସଂଯୁକ୍ତ ରଖିବ। କ୍ଲାସିକ୍ ୩୫୦ର ମୂଳ ଆକର୍ଷଣ ଭାବେ ଏଥିରେ ରୟାଲ ଏନଫିଲ୍ଡର ପରିଷ୍କୃତ ୩୪୯ ସିସି ଜେ-ସିରିଜ୍ ଇଞ୍ଜିନ୍ ପୂର୍ବବତ୍ ରହିଛି। ଏହି ଇଞ୍ଜିନ୍ ଏହାର ସ୍ୱତନ୍ତ୍ର ଶାନ୍ତ ଓ ସ୍ଥିର ଚାଳନା, ଶକ୍ତିଶାଳୀ ଲୋ-ଏଣ୍ଡ ଟର୍କ ଏବଂ ମସୃଣ ପ୍ରଦର୍ଶନ ପାଇଁ ପରିଚିତ। ଆରାମଦାୟକ ସିଧା ବସିବାର ଭଙ୍ଗିମା, ସନ୍ତୁଳିତ ଚ୍ୟାସିସ୍ ଏବଂ ନିର୍ଭରଯୋଗ୍ୟ ବ୍ରେକିଂ ବ୍ୟବସ୍ଥା ସହିତ କ୍ଲାସିକ୍ ୩୫୦ ସହରର ରାସ୍ତା, ଜାତୀୟ ରାଜପଥ ଓ ସପ୍ତାହାନ୍ତ ଅବକାଶ ଯାତ୍ରାରେ ଏକ ଅନନ୍ୟ ଚାଳନା ଅନୁଭୂତି ପ୍ରଦାନ କରୁଛି। ରୟାଲ ଏନଫିଲ୍ଡର ସମୃଦ୍ଧ ଡିଜାଇନ୍ ପରମ୍ପରାକୁ ଆଧାର କରି କ୍ଲାସିକ୍ ୩୫୦ ଏହାର ଐତିହାସିକ ଆକୃତି, ସୂକ୍ଷ୍ମ କାରୁକାର୍ଯ୍ୟ ଓ ସ୍ୱତନ୍ତ୍ର ଉପସ୍ଥିତି ମାଧ୍ୟମରେ କାଳଜୟୀ ଶିଳ୍ପକଳାର ପ୍ରତୀକ ହୋଇ ରହିଛି।

# ନବମ ଶ୍ରେଣୀରେ ତୃତୀୟ ଭାଷା ଛାତ୍ରଛାତ୍ରୀଙ୍କ ଉପରେ ଚାପ ପକାଇବ



ନୂଆଦିଲ୍ଲୀ: ନବମ ଶ୍ରେଣୀରେ ତୃତୀୟ ଭାଷା ପ୍ରଚଳନ କରିବା ଉପରେ ଗୁରୁବାର ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି ଅନୁଯାୟୀ ନବମ ଶ୍ରେଣୀରେ ତୃତୀୟ ଭାଷା ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସମୟରେ ସେମାନଙ୍କ ଉପରେ ଅଯଥା ଚାପ ପଡ଼ିବ। ବିଚାରପତି ବିଭି ନାଗରତ୍ନା ଓ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ରକୁ ୯ମ ଶ୍ରେଣୀ ସ୍ତରରେ ତୃତୀୟ ଭାଷା ପ୍ରଚଳନ ନକରିବାକୁ ମୌଖିକ ଭାବରେ କହିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ତୃତୀୟ ଭାଷାକୁ ପଂଚମ କିମ୍ବା ଷଷ୍ଠ ଶ୍ରେଣୀରେ ହିଁ ପ୍ରଚଳନ କରାଯିବା ଉଚିତ, ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ଏହାକୁ ଅଧିକ ପ୍ରଭାବଶାଳୀ ଭାବରେ ପଢ଼ି ପାରିବେ। ଖଣ୍ଡପୀଠ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଜବାହାର ନବୋଦୟ ବିଦ୍ୟାଳୟ (ଜେଏନ୍‌ଭି) ପ୍ରତିଷ୍ଠା କରିବା ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରିବା ସମୟରେ ଏହି ରାୟ ଦେଇଥିଲେ। ବିଦ୍ୟାଳୟଗୁଡ଼ିକରେ ଗ୍ରହଣ କରାଯାଇଥିବା ତିନି ଭାଷା ନୀତି ସମ୍ପର୍କରେ ଚିନ୍ତା ପ୍ରକଟ କରି ତାମିଲନାଡୁ ସରକାର ରାଜ୍ୟରେ ଜେଏନ୍‌ଭି ପ୍ରତିଷ୍ଠାକୁ ନିରନ୍ତର ବିରୋଧ କରିଆସୁଛନ୍ତି। ମଙ୍ଗଳବାର ଦିନ ସୁପ୍ରିମକୋର୍ଟ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ର ତିନିଭାଷା ନୀତି ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଥିଲେ। କୋର୍ଟ କହିଛନ୍ତି ଯେ, ଭାଷା ଶିଖିବା କେବେବି ଅପଚୟ ନୁହେଁ। ସିବିଏସ୍‌ଇର ତିନି-ଭାଷା ନୀତିକୁ ନେଇ ବୁଧବାର ସୁପ୍ରିମ୍‌କୋର୍ଟରେ ହୋଇଥିବା ଶୁଣାଣି ସମୟରେ ଇଂରାଜୀ ଭାଷାକୁ ସ୍ୱଦେଶୀ ଭାଷା ଭାବେ ବିବେଚନା କରାଯାଇପାରିବ କି ନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଏହା ସହିତ ନୀତି କାର୍ଯ୍ୟକାରୀ କରିବାରେ ଥିବା ଚ୍ୟାଲେଞ୍ଜ ସମ୍ପର୍କରେ ୧୦ ଦିନ ମଧ୍ୟରେ ସରକାର ଓ ସିବିଏସ୍‌ଇ ଠାରୁ ଜବାବ ମାଗିଥିଲେ। ଏହି ମାମଲାର ଶୁଣାଣି ୧୪ ଦିନ ପରେ ଜୁଲାଇ ୨୯ ତାରିଖରେ କରାଯିବ। ପ୍ରକୃତରେ ତିନିଭାଷା ନୀତି ଚଳିତ ୨୦୨୬-୨୭ ଅଧିବେଶନରୁ କାର୍ଯ୍ୟକାରୀ କରାଯାଇଛି। ନୂତନ ନୀତି ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କୁ ଦୁଇଟି ଭାରତୀୟ ଭାଷା ଓ ଗୋଟିଏ ବିଦେଶୀ ଭାଷା ପଢ଼ିବାକୁ ପଡିବ। ଫଳସ୍ୱରୂପ, ସେମାନଙ୍କୁ ପଂଚମ ଶ୍ରେଣୀରୁ ପଢୁଥିବା ଭାଷାଗୁଡ଼ିକୁ ପରିତ୍ୟାଗ କରିବାକୁ ପଡିବ। ଆବେଦନକାରୀମାନେ ଯୁକ୍ତି ଦେଇଥିଲେ ଯେ, ସିବିଏସ୍‌ଇ ଉପଯୁକ୍ତ ପ୍ରସ୍ତୁତି ବିନା ତିନିଭାଷା ନୀତି କାର୍ଯ୍ୟକାରୀ କରିଛି। ବିଦ୍ୟାଳୟଗୁଡ଼ିକରେ ପର୍ଯ୍ୟାପ୍ତ ଶିକ୍ଷକ, ପୁସ୍ତକ ଓ ଆବଶ୍ୟକୀୟ ଶୈକ୍ଷିକ ଭିତିଭୂମିର ଅଭାବ ରହିଛି, ଯାହା ଛାତ୍ର ଓ ଶିକ୍ଷକ ଉଭୟଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି।

## ଆମେରିକା ମୁଦ୍ରାନୀତି କମିଟିରେ ୩ ଭାରତୀୟ

ୱାସିଂଟନ: ଆମେରିକାର ମୁଦ୍ରାନୀତି କମିଟିରେ ତିନି ଜଣ ଭାରତୀୟଙ୍କୁ ନିଯୁକ୍ତି ମିଳିଛି। ସେମାନେ ହେଉଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ, ଦିଲ୍ଲୀରେ ଜନ୍ମିତ ଅର୍ଥନୀତିଜ୍ଞ ରାଜ ଚେଟ୍ଟି ଓ ଏକ୍ସବକ୍ସର ସିଇଓ ଆଶା ଶର୍ମା। ଆମେରିକାର ଫେଡେରାଲ ରିଜର୍ଭର ଅଧ୍ୟକ୍ଷ କେଭି ୱାର୍ସ ଏହି ତିନି ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। କମିଟିରେ ବ୍ୟାଙ୍କ ଅଫ୍ ଇଂଲଣ୍ଡର ପୂର୍ବତନ ଗଭର୍ଣ୍ଣର ମେରଭିନ କିଙ୍ଗ, ୱାଲମାର୍ଟର ପୂର୍ବତନ ସିଇଓ ଡଗ ମ୍ୟାକମିଲନ, ନୋବେଲ ବିଜେତା ଥୋମାସ ସର୍ଜେଂଟ ଓ ସିଲିକନ ଭ୍ୟାଲିର ଭେଂଚର କ୍ୟାପିଟାଲିଷ୍ଟ ମାର୍କ ଆଣ୍ଡ୍ରେସେସନ ମଧ୍ୟ ରହିଛନ୍ତି। କମିଟିରେ ରାଜନଙ୍କ ଦାୟିତ୍ୱ ହେଉଛି ବାଲାନ୍ସ ସିଟ୍ ନୀତିର ସମୀକ୍ଷା କରିବା। ରାଜ ଚେଟ୍ଟି ଡାଟା କମିଟିର ସହ-ନେତୃତ୍ୱ ନେବେ। ଆଶା ଶର୍ମାଙ୍କୁ ଏଆଇ ଓ ନିଯୁକ୍ତି ସମୀକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ଫେଡେରାଲ ରିଜର୍ଭ ତରଫରୁ ପାଂଚଟି ଟାସ୍କଫୋର୍ସ ମଧ୍ୟ ଗଠନ କରାଯାଇଛି।

# ମଣିପୁର ହାଇକୋର୍ଟ ମୁଖ୍ୟ ବିଚାରପତି ଥିବା ସମୟରେ ଏଲପିଜି ଏଜେନ୍ସି ଚଳାଉଥିଲେ

ନୂଆଦିଲ୍ଲୀ: ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ତଥା ମଣିପୁରହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ (ଅବସରପ୍ରାପ୍ତ) ସିଦ୍ଧାର୍ଥ ମୃଦୁଲ ଏବେ ବିବାଦରେ। ନ୍ୟାୟିକ ସେବାରେ ଥିବା ସମୟରେ ସେ 'କିଚେନ୍ ଫ୍ଲେମ୍' ନାମକ ଏକ ଏଲପିଜି ବିତରକ ସହିତ ଜଡ଼ିତ ଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ସୁପ୍ରିମକୋର୍ଟ ବାର ଆସୋସିଏସନର ସଭାପତି ପଦରେ ପ୍ରତିଦ୍ୱନ୍ଦ୍ୱିତା କରିବାର ତାଙ୍କ ସମ୍ଭାବନାକୁ ପ୍ରଭାବିତ କରିବ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ବିଚାରପତି ଭାବରେ ସାମ୍ବିଧାନିକକାର୍ଯ୍ୟକାଳ ମଧ୍ୟରେ ଡିଲରସିପ୍ ଚୁକ୍ତିନାମାର ଉଲ୍ଲଂଘନ ଅଭିଯୋଗରେ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ) ମୃଦୁଲଙ୍କ ନାମରେ ପରିଚାଳିତ ଏଲପିଜି ଡିଲରସିପ୍ ବାତିଲ କରିଦେଇଛି। ୨୦୨୩ ମସିହାରେ ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ହେବା ପୂର୍ବରୁ ୨୦୦୮ ମସିହାରୁ ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବରେ କାର୍ଯ୍ୟ କରିଥିବା ମୃଦୁଲ ଖଣ୍ଡପୀଠରେ କାର୍ଯ୍ୟ କରିବା ସମୟରେ ଏଲପିଜି ଡିଲରସିପ୍ ବଜାୟ ରଖିଥିବା ଅଭିଯୋଗ ହୋଇଛି। ଟାଇମ୍ସ ଅଫ୍‌ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ''କିଚେନ୍ ଫ୍ଲେମ୍'' ଡିଲରସିପ୍ ପ୍ରଥମେ ମୃଦୁଲଙ୍କୁ ୧୯୮୪ ମସିହାରେ ଆବଂଟିତ କରାଯାଇଥିଲା। ଏହା ତାଙ୍କର ନ୍ୟାୟିକ କ୍ୟାରିଅର ସମୟରେ ତାଙ୍କ ନାମରେ ରହିଥିଲା। ମୃଦୁଲ ୧୯୮୬ ମସିହାରେ ଦିଲ୍ଲୀ ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ ଓ ୨୦୦୮ ମାର୍ଚ୍ଚରେ ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ। ଅକ୍ଟୋବର ୨୦୨୩ ମସିହାରେ ତାଙ୍କୁ ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ପଦୋନ୍ନତି ଦିଆଯାଇଥିଲା ଓ ୨୧ ନଭେମ୍ବର ୨୦୨୪ ମସିହାରେ ସେ ଅବସର ଗ୍ରହଣ କରିଥିଲେ। ବିପିସିଏଲର ସୂଚନା ଅନୁଯାୟୀ, ଡିସେମ୍ବର ୨୦୨୫ରେ ଦାୟର ଏକ ସାର୍ବଜନୀନ ଆବେଦନରେ ଅଭିଯୋଗ କରାଯାଇଥିଲା ଯେ, ମୃଦୁଲ ବିଚାରପତି ଭାବରେ କାର୍ଯ୍ୟ କରିବା ସମୟରେ ଏଲପିଜି ବିତରକ ଭାବେ କାର୍ଯ୍ୟ ଜାରି ରଖିଥିଲେ।




ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ପିଏସୟୁ ମେ ୨୯ ତାରିଖରେ ଏକ ନୋଟିସ ଜାରି କରି ତାଙ୍କ ଡିଲରସିପ୍ କାହିଁକି ବାତିଲ କରାଯିବ ନାହିଁ ତାହା ବୁଝାଇବାକୁ ଅନୁରୋଧ କରିଥିଲା। ପିଏସୟୁ ଏହା ମଧ୍ୟ କହିଛି ଯେ, ଏହା ଜାନୁଆରି ୩୦ ଓ ଫେବ୍ରୁଆରି ୨୬ ରେ ମୃଦୁଲଙ୍କୁ ଚିଠି ଲେଖି ସ୍ପଷ୍ଟୀକରଣ ମାଗିଥିଲା କିନ୍ତୁ କୌଣସି ଉତର ପାଇନଥିଲା ବୋଲି ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ଏହା ଜୁଲାଇ ୬ ରେ 'କିଚେନ୍ ଫ୍ଲେମ୍'ର ଏଲପିଜି ଡିଲରସିପ୍‌କୁ ସ୍ଥଗିତ କରିଥିଲା। ଏହି ସମୟରେ 'କିଚେନ୍ ଫ୍ଲେମ୍' ପକ୍ଷରୁ ଡିଲରସିପ୍ ପରିଚାଳନା କରୁଥିବା ସ୍ୱର୍ଗତ ଦୀପକ ଯାଦବଙ୍କ ପତ୍ନୀ ମୋନିକା ଯାଦବ ଏଜେନ୍ସିର ମାଲିକାନାକୁ ତାଙ୍କ ସପକ୍ଷରେ ପୁନଃଗଠନ କରିବା ପାଇଁ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

# ଇସ୍ରୋରେ ଚିନ୍ତା: ଗତ କିଛି ମାସରେ ମହାକାଶ ଗବେଷଣା ସଂସ୍ଥା ଛାଡ଼ିଲେଣି ଶତାଧିକ ବୈଜ୍ଞାନିକ

ନୂଆଦିଲ୍ଲୀ: ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଗଗନାୟନ ଓ ଚନ୍ଦ୍ରାୟନ-୩ ପରି ମହତ୍ୱାକାଂକ୍ଷୀ ଓ ଗୁରୁତ୍ୱପୂର୍ଣ୍ଣ ମିଶନ ସହିତ ଜଡ଼ିତ ବୈଜ୍ଞାନିକଙ୍କ ଇସ୍ତଫା ମହାକାଶ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ଗତ କିଛି ମାସ ହେଲା ୧୦୦ରୁ ଅଧିକ ବୈଜ୍ଞାନିକ ଚାକିରି ଛାଡ଼ି ଦେଇଛନ୍ତି। ବିଭାଗ ବୈଜ୍ଞାନିକଙ୍କ ପଳାୟନ ରୋକିବାକୁ ବଡ଼ ପଦକ୍ଷେପ ନେଇଛି। ଜୁଲାଇ ୧୪ ତାରିଖରେ ଜାରି ଏକ ନୂଆ ବିଭାଗୀୟ ଚିଠି ଜରିଆରେ ବୈଜ୍ଞାନିକଙ୍କ ସ୍ୱେଚ୍ଛାକୃତ ସେବାନିବୃତି (ଭିଆରଏସ୍) ଓ ଇସ୍ତଫାକୁ ନେଇ ରହିଥିବା ନିୟମକୁ ଅଧିକ କଠୋର କରାଯାଇଛି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ମହାକାଶ ବିଭାଗ ବୈଜ୍ଞାନିକଙ୍କ ଚାକିରି ଛାଡ଼ିବା ଉପରେ କୌଣସି ସଂଖ୍ୟା ପ୍ରଦାନ କରିନାହିଁ। କିନ୍ତୁ ସୂତ୍ର ଅନୁସାରେ ଏହି ସଂଖ୍ୟା ୧୦୦ରୁ ୧୨୦ ଭିତରେ ହେବ। ୟୁଆରଏସ୍‌ସିରୁ ପାଖାପାଖି ୮୦ ଜଣ ଓ ଭିଏସ୍‌ଏସ୍‌ସି (ବିକ୍ରମ ସାରାଭାଇ ମହାକାଶ କେନ୍ଦ୍ର) ଅତିକମ୍‌ରେ ୨୦ ଜଣ ବୈଜ୍ଞାନିକ ଇସ୍ତଫା ଦେଇଛନ୍ତି। ଏହାବ୍ୟତୀତ ଅନେକ ଇସ୍ତଫା ଏବେ ତର୍ଜମା ପର୍ଯ୍ୟାୟରେ ରହିଛି। ସୂଚନାଯୋଗ୍ୟ, ୟୁଆରଏସ୍‌ସି ଇସ୍ରୋର ଏକ ପ୍ରମୁଖ କେନ୍ଦ୍ର, ଯାହା ସାଟେଲାଇଟ ଡିଜାଇନ୍, ବିକାଶ, ନିର୍ମାଣ ଓ ପରୀକ୍ଷଣ ସହିତ ଜଡ଼ିତ। ଅନ୍ୟପକ୍ଷରେ ଭିଏସ୍‌ଏସ୍‌ସି ରକେଟ ଟେକ୍ନୋଲୋଜି ଡିଜାଇନ ଓ ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର। ଇସ୍ତଫା ପ୍ରଦାନକାରୀ ବୈଜ୍ଞାନିକଙ୍କ ମଧ୍ୟରେ ଭିଏସ୍‌ଏସ୍‌ସିରୁ ଏଲଭିଏମ୍-୩ ପ୍ରକଳ୍ପର ନିର୍ଦ୍ଦେଶକ ଭିକ୍ଟର ଯୋଶେଫ ଇସ୍ତଫା ଅଛନ୍ତି।

# ହରମୁଜ ପ୍ରଣାଳୀ ଇରାନର 'ଲାଲ ରେଖା': କୌଣସି ବାହ୍ୟ ଶକ୍ତିର ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ



ତେହେରାନ/ୱାଶିଂଟନ୍: ଆମେରିକା ଓ ଇରାନ ମଧ୍ୟରେ ସାମରିକ ବିବାଦ ଚରମ ସୀମାରେ ପହଂଚିଥିବା ବେଳେ ତେହେରାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ 'ହରମୁଜ ପ୍ରଣାଳୀ' ଉପରେ ନିଜର ଆଭିମୁଖ୍ୟ ଆହୁରି କଠୋର କରିଛି। ଇରାନର ଖାତମ ଅଲ-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ହରମୁଜ ପ୍ରଣାଳୀରେ ଆମେରିକା ଭଳି କୌଣସି ବାହ୍ୟ ଶକ୍ତିର ହସ୍ତକ୍ଷେପକୁ କୌଣସି ମୂଲ୍ୟରେ ବରଦାସ୍ତ କରାଯିବ ନାହିଁ ଏବଂ ଏହା ଦେଶର 'ଲାଲ ରେଖା' ଅଟେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭିତିଭୂମି ଧ୍ୱଂସ କରିବା ଧମକର ଜବାବ ଦେଇ ଇରାନ ଚେତାବନୀ ଦେଇଛି ଯେ, ଆକ୍ରମଣ ହେଲେ ସମଗ୍ର ମଧ୍ୟପ୍ରାଚ୍ୟ ଅଂଚଳରେ ଥିବା ଆମେରିକୀୟ ସୁରକ୍ଷିତ ଘାଟିଗୁଡ଼ିକୁ ବିନାଶକାରୀ ଢଙ୍ଗରେ ଟାର୍ଗେଟ୍ କରାଯିବ। ଅପରପକ୍ଷେ, ଇରାନ ସଂସଦର ବାଚସ୍ପତି ତଥା ଆଲୋଚନା ଦଳର ମୁଖ୍ୟ ମହମ୍ମଦ ବାଘେର ଗାଲିବାଫ କହିଛନ୍ତି ଯେ ହରମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ସିଧାସଳଖ ଇରାନର ଜାତୀୟ ସୁରକ୍ଷା ସହ ଜଡ଼ିତ। ଇରାନ ଯୁଦ୍ଧ ଚାହୁଁନଥିଲେ ବି ନିଜ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି। ଆମେରିକା ନିଜ ପ୍ରତିଶ୍ରୁତି ଭାଙ୍ଗିଥିବାରୁ ପୂର୍ବରୁ ହୋଇଥିବା ବୁଝାମଣାପତ୍ର ପାଳନ କରିବାର କୌଣସି ଅର୍ଥ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏହି ବାକଯୁଦ୍ଧ ମଧ୍ୟରେ ଆମେରିକାର ସେଂଟ୍ରାଲ କମାଣ୍ଡ ନିଶ୍ଚିତ କରିଛି ଯେ, ସାମୁଦ୍ରିକ ଜାହାଜ ଚଳାଚଳ ପ୍ରତି ବିପଦ ସୃଷ୍ଟି କରୁଥିବା ଇରାନର ପ୍ରମୁଖ ସାମରିକ ଘାଟିଗୁଡ଼ିକ ଉପରେ ଆମେରିକୀୟ ସେନା ପୁଣି ଏକ ବଡ଼ ଧରଣର ବିମାନ ଆକ୍ରମଣ କରିଛି, ଯାହା ସମଗ୍ର ଅଂଚଳକୁ ଯୁଦ୍ଧ ଆଡ଼କୁ ଠେଲି ଦେଇଛି।

# ପରମାଣୁ କେନ୍ଦ୍ରର ଲିକ୍ ଫାଇଲକୁ ନେଇ ଏନ୍‌ପିସିଆଇଏଲ୍‌ର ସ୍ପଷ୍ଟୀକରଣ, ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ ହୋଇନାହିଁ

ଚେନ୍ନାଇ: ତାମିଲନାଡୁର କୁଡନକୁଲମ ପରମାଣୁ ଶକ୍ତି କେନ୍ଦ୍ର (କେକେଏନ୍‌ପିପି) ସମ୍ପର୍କିତ କିଛି ଫାଇଲ ଇଂଟରନେଟ୍‌ରେ ଲିକ୍ ହୋଇଥିବା ଖବର ପରେ ନ୍ୟୁକ୍ଲିୟର ପାୱାର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ପିସିଆଇଏଲ୍) ସ୍ପଷ୍ଟୀକରଣ ଦେଇଛି।

କମ୍ପାନି କହିଛି, ଲିକ୍ ହୋଇଥିବା ଫାଇଲଗୁଡ଼ିକର ପରମାଣୁ କେନ୍ଦ୍ରର ସୁରକ୍ଷା କିମ୍ବା ନିରାପତା ବ୍ୟବସ୍ଥା ସହ କୌଣସି ସମ୍ପର୍କ ନାହିଁ। ତେଣୁ କେନ୍ଦ୍ରର କାର୍ଯ୍ୟକଳାପ କିମ୍ବା ସୁରକ୍ଷାକୁ ନେଇ ଚିନ୍ତିତ ହେବାର କୌଣସି କାରଣ ନାହିଁ। ଏନ୍‌ପିସିଆଇଏଲ୍ କହିଛି, ସାମାଜିକ ଗଣମାଧ୍ୟମ ଓ କିଛି ଅନ୍‌ଲାଇନ୍ ମଂଚରେ ପ୍ରଚାରିତ ହେଉଥିବା ଫାଇଲଗୁଡ଼ିକ କେବଳ ପ୍ରଶାସନିକ ଓ ସାଧାରଣ ପ୍ରକୃତିର ଦସ୍ତାବିଜ। ଏଥିରେ ପରମାଣୁ ରିଆକ୍ଟରର ଡିଜାଇନ୍, ସୁରକ୍ଷା ବ୍ୟବସ୍ଥା, ନିରାପତା ପ୍ରୋଟୋକଲ୍ କିମ୍ବା କୌଣସି ସମ୍ବେଦନଶୀଳ ପ୍ରଯୁକ୍ତିଗତ ସୂଚନା ନାହିଁ। କମ୍ପାନି ଆହୁରି କହିଛି, କୁଡନକୁଲମ ପରମାଣୁ ଶକ୍ତି କେନ୍ଦ୍ରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଓ



ସମ୍ବେଦନଶୀଳ ତଥ୍ୟ ବହୁସ୍ତରୀୟ ସାଇବର ସୁରକ୍ଷା ବ୍ୟବସ୍ଥା ମାଧ୍ୟମରେ ସୁରକ୍ଷିତ ରଖାଯାଇଛି। ପରମାଣୁ କେନ୍ଦ୍ରର ନିୟନ୍ତ୍ରଣ ବ୍ୟବସ୍ଥା ବାହ୍ୟ ଇଂଟରନେଟ୍ ନେଟୱର୍କ ସହ ଯୋଡ଼ି ହୋଇ ନ ଥିବାରୁ ସାଇବର ଆକ୍ରମଣ କିମ୍ବା ତଥ୍ୟ ଚୋରିର ଆଶଙ୍କା ନାହିଁ ବୋଲି ଏହା ସ୍ପଷ୍ଟ କରିଛି। ଲିକ୍ ହୋଇଥିବା ଫାଇଲଗୁଡ଼ିକ କିପରି ଇଂଟରନେଟ୍‌ରେ ପହଂଚିଲା, ସେ ନେଇ ତଦନ୍ତ ଚାଲିଥିବା କମ୍ପାନି କହିଛି।

ଆବଶ୍ୟକ ହେଲେ ସମ୍ପୃକ୍ତ ସଂସ୍ଥା ସହ ମିଶି ଏହାର ସମ୍ପୂର୍ଣ୍ଣ ଯାଂଚ କରାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଏନ୍‌ପିସିଆଇଏଲ୍ କହିଛି, କୁଡନକୁଲମ ପରମାଣୁ କେନ୍ଦ୍ରର ସମସ୍ତ ୟୁନିଟ୍ ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ଅନୁସାରେ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି। ପରମାଣୁ ଶକ୍ତି ଉତ୍ପାଦନ କିମ୍ବା ପ୍ଲାଂଟର ସୁରକ୍ଷା ବ୍ୟବସ୍ଥା ଉପରେ ଏହି ଘଟଣାର କୌଣସି ପ୍ରଭାବ ପଡ଼ିନାହିଁ।

# ୭୦ ବର୍ଷର ଅପେକ୍ଷାର ଅନ୍ତ, ଭୂମିହୀନଙ୍କ ହାତରେ ପହଞ୍ଚିଲା ପଟ୍ଟା

- ବସୁନ୍ଧରା ଯୋଜନାରେ ଦୁଇ ପରିବାରଙ୍କୁ ୪ ଡିସିମିଲ ଲେଖାଏଁ ଜମି
- ପ୍ରଶାସନର ପଦକ୍ଷେପକୁ ଗ୍ରାମବାସୀଙ୍କ ସ୍ୱାଗତ

**ଜଗତସିଂହପୁର,୧୬।୭(ଖବର) ମନୋଜ କୁମାର ଜେନା :** ଦୀର୍ଘ ୭୦ ବର୍ଷର ଅପେକ୍ଷା ଶେଷରେ ଦୁଇ ଭୂମିହୀନ ପରିବାରଙ୍କ ମୁହଁରେ ଫୁଟିଛି ହସ। ଜଗତସିଂହପୁର ଜିଲ୍ଲା ବାଲିକୁଦା ତହସିଲ ଅନ୍ତର୍ଗତ ଅପଣ୍ଡରା ଆରଆଇ ସର୍କଲର ନଲରା ନୂଆଗାଁ ଗ୍ରାମର କୈଳାଶ ପଲାଉରୀ ଓ ଯୋଗେନ୍ଦ୍ର ପଲାଉରୀଙ୍କୁ ବସୁନ୍ଧରା ଯୋଜନାରେ ୪ ଡିସିମିଲ ଲେଖାଏଁ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ଦୀର୍ଘ ଦଶନ୍ଧି ଧରି ସରକାରୀ ଗୋଚର ଜମିରେ ବସବାସ କରୁଥିବା ଏହି ଦୁଇ ପରିବାର ପାଇଁ ଏହା ଏକ ସ୍ୱପ୍ନ ପୂରଣ ସଦୃଶ ହୋଇଛି। ସୂଚନାନୁସାରେ, ଉଭୟ ପରିବାର ପ୍ରାୟ ୭୦ ବର୍ଷ ଧରି ଗୋଚର ଜମିରେ ରହୁଥିଲେ। ସେମାନଙ୍କ ପିତା ସ୍ଥାୟୀ ପଟ୍ଟା ପାଇଁ ବାରମ୍ବାର ତହସିଲ ପ୍ରଶାସନ ନିକଟରେ ଆବେଦନ କରିଥିଲେ ମଧ୍ୟ ଜୀବନକାଳରେ ସଫଳ ହୋଇପାରିନଥିଲେ। ପଟ୍ଟା ନଥିବାରୁ ଯୋଗେନ୍ଦ୍ର ପଲାଉରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ମଧ୍ୟ ବାରମ୍ବାର ବଞ୍ଚିତ ହୋଇ ଏକ ଭଙ୍ଗା ଚାଳଛପର ଘରେ ଅତି ଦୟନୀୟ ଅବସ୍ଥାରେ ପରିବାର ସହ ଜୀବନ ବିତାଉଥିଲେ। ପରେ ଏହି ଘଟଣା ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆସିବା ପରେ ସେତେବେଳର ତହସିଲଦାର ଆଲୋକ ରଞ୍ଜନ ସେଠୀ ବସୁନ୍ଧରା ଯୋଜନାରେ ଉଭୟ ପରିବାରଙ୍କୁ ସାମିଲ କରିବା ପାଇଁ ପ୍ରାଥମିକ ତଦନ୍ତ କରି ରିପୋର୍ଟ ଉପଜିଲ୍ଲାପାଳଙ୍କୁ ପଠାଇଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବର୍ତ୍ତମାନର ତହସିଲଦାର ବିକାଶ ରଞ୍ଜନଙ୍କ ନେତୃତ୍ୱରେ ପୁନଃ ତଦନ୍ତ କରାଯାଇଥିଲା।

ତହସିଲଦାର ବିକାଶ ରଞ୍ଜନ, ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ଓ ପିଙ୍କି ନାୟକ, ଅପଣ୍ଡରା ଆରଆଇ ଅମିନ ରଘୁବୀର ସିଂ ଏବଂ ଆରଆଇ ଦୀପ୍ତିରଞ୍ଜନ ମହାରଣା ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କ ମିଳିତ ବିବୃତ୍ତି, ଆବେଦନପତ୍ର ଓ ବାସସ୍ଥାନର ସ୍ଥିତି ଯାଞ୍ଚ କରି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହାପରେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉଭୟ ପରିବାରଙ୍କୁ ୪ ଡିସିମିଲ ଲେଖାଏଁ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଥିଲା। ରାଜ୍ୟରେ ବିଜେପି ସରକାର ଗଠନ ପରେ ବାଲିକୁଦା ବ୍ଲକରେ ଭୂମିହୀନଙ୍କୁ ପଟ୍ଟା ପ୍ରଦାନର ଏହା ପ୍ରଥମ ଘଟଣା ବୋଲି ସ୍ଥାନୀୟ ମହଲରେ ଆଲୋଚନା ହେଉଛି।

ତହସିଲଦାର ବିକାଶ ରଞ୍ଜନ କହିଛନ୍ତି, ବସୁନ୍ଧରା ଯୋଜନାରେ ଆବେଦନ କରିଥିବା ଅନ୍ୟ ଯୋଗ୍ୟ ଭୂମିହୀନଙ୍କ ଆବେଦନ ମଧ୍ୟ ପର୍ଯ୍ୟାୟକ୍ରମେ ଯାଞ୍ଚ କରାଯାଇ ନିୟମ ଅନୁଯାୟୀ ପଟ୍ଟା ପ୍ରଦାନ କରାଯିବ। ପଟ୍ଟା ବଣ୍ଟନ ଅବସରରେ ଶରତ ସ୍ୱାଇଁ, ପବିତ୍ର ସ୍ୱାଇଁ, ସୁଦର୍ଶନ ରାଉତ, କାଳନ୍ଦୀ ନାୟକ, ନନ୍ଦ ରାଉତ, ବିଚିତ୍ରାନନ୍ଦ ମଲ୍ଲିକ, ବିକ୍ରମ ବାରିକ, ବିଷ୍ଣୁ ସ୍ୱାଇଁ, ନରେନ୍ଦ୍ର ପୁହାଣ, ନର୍ମଦା ସ୍ୱାଇଁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ।



## ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା

**ରଙ୍ଗେଇଲୁଣ୍ଡା,୧୬।୭(ଖବର):** ଆଜି ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା। ଏଥିପାଇଁ ପୁରପଲ୍ଲୀ ଉତ୍ସବ ମୁଖର ,ଏହି ପରିପ୍ରେକ୍ଷୀରେ ରଙ୍ଗେଇଲୁଣ୍ଡା ବ୍ଲକର ଭୈରବୀ, ରଣ୍ଡା,କନିଷି ହାଟ ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ପାଳନ ହୋଇଛି ରଥଯାତ୍ରା, ରୀତିନୀତି ଅନୁଯାୟୀ ପହଣ୍ଡି, ଛେରାପହଁରା ଓ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଛି । ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଛି । ଶ୍ରୀଜୀଉଙ୍କ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅପରାହ୍ନରେ ରଥାରୁଢ ଠାକୁରଙ୍କୁ ଟାଣି ନେଇଥିଲେ ଭକ୍ତ । ଜୟ ଜଗନ୍ନାଥ, ହରିବୋଲ ହୁଳହୁଳି ସହ ଘଣ୍ଟି, ଶଙ୍ଖ ମହୁରୀ , ଢୋଲରେରେ ପ୍ରୋକମ୍ପିତ ହୋଇଥିଲା ପରିବେଶ , ବେସ୍ ଆନନ୍ଦ ଉଲ୍ଲାସର ସହ ରଥଯାତ୍ରା ପାଳିତ ହୋଇଛି। ସକାଳୁ ତିନି ଠାକୁରଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଇ ରଥାରୁଢ କରାଯାଇଥିଲା । ଏହାପରେ ଛେରା ପହଁରା କରିବା ପରେ ରଥ ଟାଣି ମାଉସୀ ମା ମନ୍ଦିରରେ ପହଞ୍ଚାଇଥିଲେ ଭକ୍ତ । ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଗୋଳନ୍ଥରା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଥାନା କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ବଡ଼ବଜାର ଖାସ୍ପା ସାହିରେ ରଥଯାତ୍ରା



**ବ୍ରହ୍ମପୁର, ୧୬।୭ (ଖବର):** ବଡ଼ ବଜାର ଖାସ୍ପା ସାହି ରେ ବଡ଼ ଜଗନ୍ନାଥ ଓ ସାନ ଅର୍ଥାତ୍ ଗଡ ଜଗନ୍ନାଥ ବିରାଜମାନ । ଘୋଷଯାତ୍ରା ଉପଲକ୍ଷେ ରଥାରୁଢ ଶ୍ରୀ ଜଗନ୍ନାଥଙ୍କ ରଥ ଉପରେ ମହୁରୀ ରାଜା ଶ୍ରୀ ଅଶୋକ କୁମାର ନରେନ୍ଦ୍ର ଦେବ ଛେରା ପହଁରା କରିବା ସହ ରାଜ ଆଳତୀ କରିଥିଲେ । ପରେ ଶ୍ରଦ୍ଧାଳୁ ଙ୍କ ଦ୍ୱାରା ରଥ ଟଣା ହୋଇଥିଲା । ସୂଚନା ଯୋଗ୍ୟ ଯେ ପ୍ରାୟ ୩୦୦ ବର୍ଷ ତଳେ ମହୁରୀ ଗଡ ପତନ ପରେ ଗଡ ରେ ପୂଜାପାଉଥିବା ଜଗନ୍ନାଥ ମହାପ୍ରଭୁ ଙ୍କୁ ଅଣା ଯାଇ ମନ୍ଦିର ସ୍ଥାପନ କରା ଯାଇଥିଲା । ତେଣୁ ସାନ ଜଗନ୍ନାଥ ଗଡ ଜଗନ୍ନାଥ ନାମରେ ବିଦିତ । ସାନ ଜଗନ୍ନାଥ ଙ୍କ ରଥ ଟଣା କାର୍ଯ୍ୟକ୍ରମ ରେ ବଦ୍ରି ନାରାୟଣ ନାୟକ, ଜି . ଉମାପତି ଆଚାରୀ , ସୁରେନ୍ଦ୍ର ସେନାପତି, ମୁରଲୀ ସୁବୁଦ୍ଧି, ଗୋପୀ ସେଠୀ, କୁରା ସାସମଲ, ପ୍ରକାଶ ନାୟକ ଓ ପବିତ୍ର ସାସମଲ୍ ସହଯୋଗ କରିଥିଲେ ।

## ସ୍ୱାଦ ସହ ସ୍ୱାସ୍ଥ୍ୟର ସମନ୍ୱୟ
# କଟକରେ ଖୋଲିଲା 'କଟକ କିଚେନ୍'



**କଟକ,୧୬।୭(ଖବର):** ପବିତ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପବିତ୍ର ଅବସରରେ କଟକ ସହରବାସୀଙ୍କ ପାଇଁ ଏକ ଖୁସିର ଖବର ଆସିଛି। କଟକ ମାଲଗୋଦାମ ଥାନା ଅନ୍ତର୍ଗତ କଲେଜ ଛକ, ସିଡିଏ ମାର୍କେଟ କମ୍ପ୍ଲେକ୍ସ ନିକଟରେ 'କଟକ କିଚେନ୍' ନାମକ ଏକ ଆଧୁନିକ ଭୋଜନାଳୟର ଶୁଭ ଉଦ୍‌ଘାଟନ ହୋଇଛି। ଓଡ଼ିଶା ସରକାରଙ୍କ ସହଯୋଗରେ ଓପୋଲଫେଡ୍ ପକ୍ଷରୁ ପରିଚାଳିତ ଏହି ସେଲ୍ସ ବୁଥ୍ କେବଳ ଏକ ଖାଦ୍ୟ କେନ୍ଦ୍ର ନୁହେଁ, ବରଂ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଣ, ରୋଜଗାର ସୃଷ୍ଟି ଏବଂ ସ୍ୱାବଲମ୍ବୀ ଓଡ଼ିଶା ଗଠନ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓପୋଲଫେଡ ମାର୍କେଟିଂ ଅଧିକାରୀ ତାରେଣୀ କୁମାର ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଶୁଭାରମ୍ଭ କରିଥିଲେ କ୍ଷ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଓପୋଲଫେଡ୍ କେବଳ ଖାଦ୍ୟ ସେବାରେ ସୀମିତ ନୁହେଁ; ବରଂ ବେରୋଜଗାର ଯୁବକ-ଯୁବତୀ ଓ ମହିଳାମାନଙ୍କୁ ଆତ୍ମନିର୍ଭର କରାଇବା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେଲ୍ସ ବୁଥ୍ ମାଧ୍ୟମରେ ରୋଜଗାର ସୃଷ୍ଟି କରିବା ଓ ସ୍ୱାବଲମ୍ବନର ବାର୍ତ୍ତା ପହଞ୍ଚାଇବା ହେଉଛି ସଂସ୍ଥାର ମୂଳ ଲକ୍ଷ୍ୟ। ଏହି ସଫଳତା ପାଇଁ ସେ ଓଡ଼ିଶା ସରକାରଙ୍କୁ ଶ୍ରେୟ ପ୍ରଦାନ କରିଥିଲେ। ଅତିଥିମାନେ ବିଶେଷ ଭାବରେ ଶ୍ରୀମତୀ ବାଣୀଶ୍ରୀ ଶତପଥୀଙ୍କ ଉଦ୍ୟମ, ପରିଶ୍ରମ ଓ ଦୂରଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କ ନିଷ୍ଠା, ସଂକଳ୍ପ ଓ ଅକ୍ଳାନ୍ତ ପ୍ରୟାସ ଫଳରେ ଆଜି କଟକ ସହରରେ ଏହି ଓପୋଲଫେଡ୍ ସେଲ୍ସ ବୁଥ୍ ସଫଳତାର ସହ ଗଢ଼ି ଉଠିପାରିଛି ବୋଲି ସେମାନେ କହିଥିଲେ। ଏପରି ଉଦ୍ୟମୀ ମହିଳାମାନେ ସମାଜର ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। 'କଟକ କିଚେନ୍' ର ପ୍ରମୁଖ ବିଶେଷତା ହେଉଛି ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ସ୍ୱାଦିଷ୍ଟ, ପୁଷ୍ଟିକର, ସ୍ୱାସ୍ଥ୍ୟକର ଏବଂ ଗୁଣାତ୍ମକ ନିରାମିଷ ଓ ଆମିଷ ଖାଦ୍ୟ ଯୋଗାଇବା। ଆଧୁନିକ ରୋଷେଇ ପ୍ରଣାଳୀ, ଖାଦ୍ୟର ଗୁଣବତ୍ତା, ସ୍ୱଚ୍ଛତା ଓ ପରିଚ୍ଛନ୍ନତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏଠାରେ ପ୍ରସ୍ତୁତ ହେଉଥିବା ପ୍ରତ୍ୟେକ ଖାଦ୍ୟ ସ୍ୱାସ୍ଥ୍ୟବିଧିକୁ ଅନୁସରଣ କରି ପ୍ରସ୍ତୁତ କରାଯିବା ସହ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଓ ସନ୍ତୁଷ୍ଟିକୁ ପ୍ରାଥମିକତା ଦିଆଯିବ। ଏହି ଅବସରରେ ଏଜେଣ୍ଟ ଶ୍ରୀମତୀ ବାଣୀଶ୍ରୀ ଶତପଥୀ ଓ ପୋଲଫେଡ ମ୍ୟାନେଜିଂ ଡିରେକ୍ଟର ଡାଃ ଗିରିଧାରୀ ସାହୁ, ଜେନେରାଲ ମ୍ୟାନେଜର ଡାଃ ଅଜିତ କୁମାର ପତି ଙ୍କୁ ଧନ୍ୟବାଦ ଦେବା ସହ କହିଥିଲେ ଯେ, "କଟକ କିଚେନ୍"ର ଲକ୍ଷ୍ୟ କେବଳ ଖାଦ୍ୟ ବିକ୍ରି ନୁହେଁ, ବରଂ ପ୍ରତ୍ୟେକ ଗ୍ରାହକଙ୍କୁ ଘରୋଇ ସ୍ୱାଦ ସହ ପୁଷ୍ଟିକର, ପରିଷ୍କାର ଓ ବିଶ୍ୱସନୀୟ ଖାଦ୍ୟ ପହଞ୍ଚାଇବା। ଭବିଷ୍ୟତରେ ଏହି ସେବାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରୟାସ ଜାରି ରହିବ। ଓପୋଲଫେଡ଼ର ଏହି ପଦକ୍ଷେପ କେବଳ ଏକ ବ୍ୟବସାୟିକ ପ୍ରକଳ୍ପ ନୁହେଁ,। କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଦାସ, ଜଗଦୀଶ ମହାନ୍ତି, ଦୁର୍ଲଭ କୁମାର ଦାସଙ୍କ ସମେତ ଓପୋଲଫେଡ଼ର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଜେଣ୍ଟ ଆଲୋକ କୁମାର ବେହେରା, ମହମ୍ମଦ କମଳ ଆଲ୍ଲମ, କୀର୍ତ୍ତି ଚନ୍ଦ୍ର ସାମଲ, ପ୍ରମୋଦ ପୃଷ୍ଟି, ସୁଶାନ୍ତ କୁମାର ବେହେରା, ତ୍ରିଲୋଚନ ସାହୁ, ଏସ୍ କେ ବାବୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଲଳିତ ମୋହନ ଶତପଥୀ ଓ ଦୀପ୍ତି ରଞ୍ଜନ ଶତପଥୀ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। କଟକବାସୀଙ୍କ ପାଇଁ "କଟକ କିଚେନ୍" ନିଶ୍ଚିତ ଭାବେ ଏକ ବିଶ୍ୱସନୀୟ ଭୋଜନ କେନ୍ଦ୍ର ଭାବେ ପରିଚିତ ହେବ ବୋଲି ଆଶା ପ୍ରକାଶ ପାଇଛି ।

## ଚନ୍ଦନକାଠରେ ମହାପ୍ରଭୁଙ୍କ ନିଆରା କଳାକୃତି

### ରଥଯାତ୍ରାରେ ଶୁଭେଚ୍ଛା ଜଣାଇଲେ ଅବିନାଶ

**ବାଲେଶ୍ୱର,୧୬।୭(ଖବର)ହୃତିକ ନାୟକ:** ପବିତ୍ର ରଥଯାତ୍ରା ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ର ଅବିନାଶ ନାଥ ଚନ୍ଦନକାଠ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ପ୍ରଭୁ ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ସୁନ୍ଦର କଳାକୃତି ଅଙ୍କନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।ଅବିନାଶ ଏକ୍ରିଲିକ୍ କଲର ଓ ବ୍ରସ୍ ବ୍ୟବହାର କରି ପ୍ରାୟ ଏକ ଘଣ୍ଟା ମଧ୍ୟରେ ଏହି



ନିଆରା କଳାକୃତି ପ୍ରସ୍ତୁତ କରିଥିଲେ। ଚନ୍ଦନକାଠ ଉପରେ ତିନି ଠାକୁରଙ୍କ ଆକର୍ଷଣୀୟ ଚିତ୍ରାଙ୍କନ ତାଙ୍କ କଳାନୈପୁଣ୍ୟର ପରିଚୟ ଦେବା ସହ ରଥଯାତ୍ରାର ପବିତ୍ର ବାର୍ତ୍ତାକୁ ମଧ୍ୟ ପ୍ରତିଫଳିତ କରିଛି ।ଏହି ଅଭିନବ କଳାକୃତି ମାଧ୍ୟମରେ ଅବିନାଶ ସମସ୍ତଙ୍କୁ ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଜଣାଇଥିବା ବେଳେ, ତାଙ୍କ ଏହି ସୃଜନଶୀଳ ପ୍ରୟାସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

## ୮ ଟିକିଆ ହାତୀଙ୍କ ଉତ୍ପାତ


### ଘର ଭାଙ୍ଗିଲେ, ଫସଲ ନଷ୍ଟ କଲେ



**ବଣାଇଁ,୧୬।୭(ଖବର)ଡମ୍ବରୁ ପ୍ରଧାନ :** ରାଉରକେଲା ବନଖଣ୍ଡର ବାଙ୍କୀ ରେଞ୍ଜ ଅନ୍ତର୍ଗତ କପଣ୍ଡ ଗ୍ରାମରେ ବିଳମ୍ବିତ ରାତିରେ ୮ ଟିକିଆ ହାତୀ ପଲ ଗାଁରେ ପହଂଚି ଖାଦ୍ୟ ଅନ୍ୱେଷଣରେ ଘର ଭାଙ୍ଗୁ ଥିବା ବେଳେ ପରିବାର ଲୋକ ଉଠି ଏତେ ହାତୀଙ୍କୁ ଦେଖି ଭୟଭୀତ ହୋଇ ଯାଇଥିଲେ ଏବଂ ପିଲା ଛୁଆ ଧରି ଯିଏ ଯୁଆଡେ ପଳାଇ ଥିଲେ। ଗାଁରେ ପ୍ରାୟ ଦୁଇରୁ ୩ ଟି ଘର ଭାଙ୍ଗି ଥିବା ବେଳେ ଅନେକ ଫସଲ ନଷ୍ଟ କରି ଛନ୍ତି ଏବେ ପାଖ ଜଙ୍ଗଲ ରେ ଥିବା ବେଳେ ବନବିଭାଗ ନଜର ରଖିଥିବା ଜଣା ପଡିଛି।

## ଭାରସାମ୍ୟ ହରାଇ ରାସ୍ତାରୁ ୨୦ ଫୁଟ ତଳକୁ ଖସିଲା କାର


### ଅଳ୍ପକେ ବର୍ତ୍ତିଲେ ୫ ଜଣ ଡାକ୍ତର



**ବଣାଇଁ,୧୬।୭(ଖବର)ଡମ୍ବରୁ ପ୍ରଧାନ :** ଅନୁଗୁଳ ରୁ ଏକ କାର ଯୋଗେ ପାଞ୍ଚ ଜଣ ଡାକ୍ତର ରାଉରକେଲା କୁ ଆସୁ ଥିବା ବେଳେ ଟୀକାୟତ ପାଲି ଥାନାର କସଡା ନିକଟରେ କାର ଟି ଭାର ଶ୍ୟାମ ହରାଇ ରାସ୍ତା ଉପରୁ ପ୍ରାୟ ୨୦ ଫୁଟ ତଳକୁ ଖସି ଯାଇ ଥିଲା, ଖବର ପାଇ ତିକାୟତପାଲି ପୋଲିସ ଘଟଣା ସ୍ଥଳରେ ପହଂଚି ସମସ୍ତ ଙ୍କୁ ଉଦ୍ଧାର କରି ରାଉରକେଲା କୁ ପଠାଇ ଥିଲେ, ଗାଡ଼ିରେ ଥିବା ସମସ୍ତ ବ୍ୟକ୍ତି ଡାକ୍ତର ହୋଇଥିବା ବେଳେ ସେମାନଙ୍କ ରାଉରକେଲାକୁ ବଦଳୀ ହୋଇ ଥିବା ଯୋଗୁ ସେମାନେ ଅନୁଗୁଳ ରୁ ଆସୁ ଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା।

## ୭ ଦିନ ପରେ ନଦୀରୁ ଉଦ୍ଧାର ହେଲା ନିଖୋଜ ଛେଳି ଚୋର

**ବଣାଇଁ,୧୬।୭(ଖବର)ଡମ୍ବରୁ ପ୍ରଧାନ :** ସୁନ୍ଦରଗଡ ଜିଲ୍ଲା ବଣେଇ ଉପଖଣ୍ଡର ଚାନ୍ଦିପୋଷ ଥାନା ଅନ୍ତର୍ଗତ କୋଇଲିଝର ଗାମରୁ ଗତ ୧୦ ତାରିଖ ଦିନ ରାଉରକେଲା ରୁ ୪ ଜଣ ବ୍ୟକ୍ତି ଛେଳି ଚୋରାଇ ନେଉଥିବା ବେଳେ ଗାଁ ଲୋକ ତିନି ଜଣକୁ କାବୁ କରି ଥିବିବେଳେ ଜଣେ ନଦୀ କୁ ଡେଇଁ ନିଖୋଜ ଥିଲା, ଅଗ୍ନିଶମ ବିଭାଗ ବହୁତ ଖୋଜି ଖୋଜି କରିଥିଲେ ସୁଦ୍ଧା ମିଳି ନଥିଲା ସାତ ଦିନ ପରେ ଆଜି ବଣାଇ ଥାନାର ବାର ଡେଙ୍ଗଲା ବାଲି ଘାଟ ନିକଟରେ ମୃତ୍ୟୁ ଦେହକୁ କିଛି ଲୋକ ଦେଖି ଖବର ଦେଇଥିଲେ ଫଳରେ ଚାନ୍ଦିପୋଷ ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଶବ ବ୍ୟବଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।



## ଧଣ୍ଡାମୁଣ୍ଡାରେ ଭକ୍ତିମୟ ପରିବେଶରେ ଧୂମଧାମରେ ପାଳିତ ହେଲା ପବିତ୍ର ରଥଯାତ୍ରା



**ଖପ୍ରାଖୋଲ/ବଲାଙ୍ଗୀର, ୧୬।୭(ଖବର):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଧଣ୍ଡାମୁଣ୍ଡା ଗ୍ରାମରେ ପବିତ୍ର ରଥଯାତ୍ରା ଉତ୍ସବ ଚଳିତ ବର୍ଷ ଅତ୍ୟନ୍ତ ଆଡମ୍ବର, ଶୃଙ୍ଖଳା ଓ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇ ପାରମ୍ପରିକ ରୀତିନୀତି ଅନୁସାରେ ଗ୍ରାମ ପରିକ୍ରମା କରାଯାଇଥିଲା। ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ 'ଜୟ ଜଗନ୍ନାଥ' ଧ୍ୱନିରେ ରଥ ଟାଣି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। କୀର୍ତ୍ତନ, ଭଜନ, ଘଣ୍ଟ, ଶଙ୍ଖଧ୍ୱନି ଓ ହରିବୋଲରେ ସମଗ୍ର ଅଞ୍ଚଳ ଭକ୍ତିରସରେ ମୁଖରିତ ହୋଇଉଠିଥିଲା। ଗ୍ରାମରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବା ବେଳେ ସବୁ ବର୍ଗର ଲୋକ ଉତ୍ସାହର ସହ ଏହି ପବିତ୍ର ଯାତ୍ରାରେ ସାମିଲ ହୋଇଥିଲେ। ଉତ୍ସବକୁ ସୁଚାରୁ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ରଥଯାତ୍ରା କମିଟି, ଗ୍ରାମବାସୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ସହ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଶାନ୍ତି, ଶୃଙ୍ଖଳା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମଗ୍ର ରଥଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଥିବା ବେଳେ ଅଞ୍ଚଳବାସୀ ଏହାକୁ ନେଇ ଗଭୀର ଆନନ୍ଦ ଓ ଉତ୍ସାହ ପ୍ରକାଶ କରିଛନ୍ତି। ଏହି ପବିତ୍ର ରଥଯାତ୍ରା ଧଣ୍ଡାମୁଣ୍ଡା ଗ୍ରାମର ସାମ୍ପ୍ରଦାୟିକ ସଦ୍ଭାବ, ଐତିହ୍ୟ ଓ ଭକ୍ତିଭାବର ଏକ ସୁନ୍ଦର ନିଦର୍ଶନ ପାଲଟିଛି।

### ନୂଆ ରଥରେ ଭକ୍ତିର ମହାସମାଗମ

## ଟିକିରିରେ ଆଡ଼ମ୍ବରରେ ପାଳିତ ଶ୍ରୀଗୁଣ୍ଡିଚା ରଥଯାତ୍ରା



**କାଶୀପୁର,୧୬।୭(ଖବର):** ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ଟିକିରିଠାରେ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଚଳିତ ବର୍ଷ ଅଭୂତପୂର୍ବ ଭକ୍ତ ସମାଗମ ମଧ୍ୟରେ ଆଡ଼ମ୍ବରର ସହ ପାଳିତ ହୋଇଛି। ବିଶେଷକରି ଏବର୍ଷ ନିର୍ମିତ ନୂଆ ରଥରେ ମହାପ୍ରଭୁଙ୍କ ବିଜେ ପରେ ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଏକକ ରଥରେ ବିରାଜମାନ ହୋଇ ହଜାର ହଜାର ଭକ୍ତଙ୍କୁ ଦିବ୍ୟ ଦର୍ଶନ ଦେଇଥିଲେ। 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ଟିକିରି ଅଞ୍ଚଳ ପ୍ରକମ୍ପିତ ହେଉଥିବା ବେଳେ ଶ୍ରଦ୍ଧାଳୁମାନେ ଉତ୍ସାହର ସହ ରଥ ଟାଣି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ଟିକିରି ଆଖପାଖ ଅଞ୍ଚଳରେ ବୃହତ୍ ଆକାରରେ ରଥଯାତ୍ରା ପାଳିତ ହେଉନଥିବାରୁ କାଶୀପୁର ସମେତ ବିଭିନ୍ନ ପଞ୍ଚାୟତ ଏବଂ ପଡ଼ୋଶୀ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତମାନେ ଟିକିରିରେ ପହଞ୍ଚିଥିଲେ। ଫଳରେ ଏବର୍ଷର ରଥଯାତ୍ରାରେ ପୂର୍ବବର୍ଷ ତୁଳନାରେ ଅଧିକ ଜନସମାଗମ ଦେଖିବାକୁ ମିଳିଥିଲା। ନୂଆ ରଥରେ ମହାପ୍ରଭୁଙ୍କ ରଥାରୋହଣ ମଧ୍ୟ ଭକ୍ତମାନଙ୍କ ଆକର୍ଷଣର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଥିଲା। ରଥଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଟିକିରି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଗୋକୁଳମୁଣ୍ଡାଠାରୁ ଜାମୁଗୁଡ଼ା ପର୍ଯ୍ୟନ୍ତ ପୋଲିସ ମୁତୟନ କରାଯାଇଥିବା ବେଳେ ଟିକିରି ଓ ଦରାଗୁଡ଼ା ଥାନାର ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ବଳ ରଥ ନିକଟରେ ରହି ଭକ୍ତମାନଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଶାନ୍ତି-ଶୃଙ୍ଖଳା ବଜାୟ ରଖିଥିଲେ। ଭକ୍ତି, ପରମ୍ପରା ଓ ସାମାଜିକ ସମନ୍ୱୟର ଅପୂର୍ବ ନିଦର୍ଶନ ସୃଷ୍ଟି କରିଥିବା ଟିକିରିର ଏହି ରଥଯାତ୍ରା ଚଳିତ ବର୍ଷ ଅଞ୍ଚଳବାସୀଙ୍କ ପାଇଁ ଏକ ସ୍ମରଣୀୟ ଧାର୍ମିକ ମହୋତ୍ସବରେ ପରିଣତ ହୋଇଛି।




### ରୁପସା ସିଏଚସିରେ ରୋଗୀ କଲ୍ୟାଣ ସମିତି ବୈଠକ

## ସ୍ୱାସ୍ଥ୍ୟସେବାର ମାନବୃଦ୍ଧି ଉପରେ ଗୁରୁତ୍ୱ ଦେଲେ ବିଧାୟକ

**ବାଲେଶ୍ୱର,୧୬।୭(ଖବର)ହୃତିକ ନାୟକ :** ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରୁପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ରୋଗୀ କଲ୍ୟାଣ ସମିତିର ପ୍ରଶାସନିକ ପରିଚାଳନା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ ଚିକିତ୍ସା ସେବା, ଅତ୍ୟାଧୁନିକ ସ୍ୱାସ୍ଥ୍ୟ ଉପକରଣ ଓ ଡାକ୍ତରମାନଙ୍କ ଉପସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ ।ବୈଠକରେ ଚିକିତ୍ସାଧୀନ ରୋଗୀମାନଙ୍କୁ ମିଳୁଥିବା ସେବା, ଔଷଧ ବଣ୍ଟନ ବ୍ୟବସ୍ଥା, ନିଦାନ ସୁବିଧା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ବିଧାୟକ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ଚିକିତ୍ସାଳୟର ସ୍ୱଚ୍ଛତା ଓ ରୋଗୀମାନଙ୍କ ପ୍ରତି ସେବାମୂଳକ ଆଭିମୁଖ୍ୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏହା ଅଧୀନରେ କାର୍ଯ୍ୟରତ ଉପକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଥିବା ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇବାକୁ ସେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଆୟୁଷ୍ମାନ ଭାରତ– ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ହିତାଧିକାରୀମାନଙ୍କୁ ଉତ୍ତମ ଓ ସୁନିଶ୍ଚିତ ଚିକିତ୍ସା ସେବା ପ୍ରଦାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଥିଲେ ।ଏହି ବୈଠକରେ ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ସଦର ବ୍ଲକର ଅତିରିକ୍ତ ବିଡିଓ, ରୁପସା ସିଏଚସିର ଅଧ୍ୟକ୍ଷକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର, ରୋଗୀ କଲ୍ୟାଣ ସମିତିର ସଦସ୍ୟବୃନ୍ଦ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମା’ ତାରିଣୀଙ୍କ ଆଶାଢ଼ୀ ପର୍ବ

- ସନ୍ଧ୍ୟା ସାତଟାରେ ଖୋଲିଲା ମାଙ୍କ ପହଡ଼
- ସୁନା ବେଶରେ ଦର୍ଶନ ଦେଉଛନ୍ତି ମା’

**ଘଟଗାଁ,୧୬।୭(ଖବର):** ଆଜି କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା ଘଟଗାଁ ତାରିଣୀଙ୍କ ଆଶାଢ଼ୀ ପର୍ବ କ୍ଷ ଏହି ଉପଲକ୍ଷେ ଆଜି ଦିନବେଳା ମାଙ୍କ ମନ୍ଦିର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ସନ୍ଧ୍ୟା ସାତଟାରୁ ମାଙ୍କ ମନ୍ଦିରର ପହଡ଼ ଖୋଲିବା ସହ ଯଥାରିତି ମାଙ୍କ ପୂଜା କାର୍ଯ୍ୟ ସମାପନ ହୋଇଛି । ସଂକୀର୍ତନ, ଘଣ୍ଟ ଘଂଟାରେ ପ୍ରକମ୍ପିତ ହେଉଛି ଘଟଗାଁ ପୀଠ, ସୁନାବେଶରେ



ଦର୍ଶନ ଦେଉଛନ୍ତି ମା ତାରିଣୀ । ରଥଯାତ୍ରା ଥିବାରୁ ଆଜି ମାଙ୍କ ପୀଠରେ ଭିଡ଼ ଦ୍ୱିଗୁଣିତ ହୋଇଥିବା ଦେଖିବାକୁ ମିଳିଛି । ରାତିରେ ପୂଜକଙ୍କ ଦ୍ୱାରା ନିଶା ପୂଜା ସମାପିତ ହେବ କ୍ଷ ରାତି ଦଶଟାରେ ମାଙ୍କ ପହଡ଼ ପଡିବ । ଏହି ପର୍ବ ଏକ କୃଷି ଭିତିକ ପର୍ବ ହୋଇଥିବା ବେଳେ ଏହି ପର୍ବରେ ମା ତାଙ୍କ ଭକ୍ତମାନଙ୍କ ପାଇଁ ଭଲ ବର୍ଷା ଓ ଭଲ ଚାଷ କାମନା କରି ଉପବାସ କରନ୍ତି ବୋଲି ଲୋକ କଥାରୁ ଜାଣିବାକୁ ମିଳେ । ତେଣୁ ନିକଟବର୍ତ୍ତୀ ବାଇଶିଖଣ୍ଡ ମୌଜାର ମୁଖିଆ ମାନେ ଆଜି ମାଙ୍କ ପୀଠରେ ଆସି ଭୋଗଲାଗି କରିଥାନ୍ତି ।

# ଭକ୍ତିର ମହାସମୁଦ୍ରରେ ଭାସିଲା କୁରାଙ୍ଗ ଶାସନ, ଗଡ଼ିଲା ମହାପ୍ରଭୁଙ୍କ ନନ୍ଦିଘୋଷ

- ପହଣ୍ଡି ବିଜେଠାରୁ ରଥଟଣା ପର୍ଯ୍ୟନ୍ତ ଅପାର ଜନସମାଗମ
- କଡ଼ା ସୁରକ୍ଷାରେ ସଫଳ ରଥଯାତ୍ରା



**ଫୁଲନଖରା,୧୬।୭(ଖବର):** ପବିତ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ପବିତ୍ର ଅବସରରେ କଟକ ସହରବାସୀଙ୍କ ପାଇଁ ଏକ ଖୁସିର ଖବର ଆସିଛି। କଟକ ମାଲଗୋଦାମ ଥାନା ଅନ୍ତର୍ଗତ କଲେଜ ଛକ, ସିଡିଏ ମାର୍କେଟ କମ୍ପ୍ଲେକ୍ସ ନିକଟରେ ‘କଟକ କିଚେନ୍’ ନାମକ ଏକ ଆଧୁନିକ ଭୋଜନାଳୟର ଶୁଭ ଉଦଘାଟନ ହୋଇଛି। ଓଡ଼ିଶା ସରକାରଙ୍କ ସହଯୋଗରେ ଓପୋଲଫେଡ଼ ପକ୍ଷରୁ ପରିଚାଳିତ ଏହି ସେଲ୍ସ ବୁଥ୍ କେବଳ ଏକ ଖାଦ୍ୟ କେନ୍ଦ୍ର ନୁହେଁ, ବରଂ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଣ, ରୋଜଗାର ସୃଷ୍ଟି ଏବଂ ସ୍ୱାବଲମ୍ବୀ ଓଡ଼ିଶା ଗଠନ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓପୋଲଫେଡ ମାର୍କେଟିଂ ଅଧିକାରୀ ତାରେଣୀ କୁମାର ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଓପୋଲଫେଡ଼ କେବଳ ଖାଦ୍ୟ ସେବାରେ ସୀମିତ ନୁହେଁ; ବରଂ ବେରୋଜଗାର ଯୁବକ-ଯୁବତୀ ଓ ମହିଳାମାନଙ୍କୁ ଆତ୍ମନିର୍ଭର କରାଇବା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେଲ୍ସ ବୁଥ୍ ମାଧ୍ୟମରେ ରୋଜଗାର ସୃଷ୍ଟି କରିବା ଓ ସ୍ୱାବଲମ୍ବନର ବାର୍ତ୍ତା ପହଞ୍ଚାଇବା ହେଉଛି ସଂସ୍ଥାର ମୂଳ ଲକ୍ଷ୍ୟ। ଏହି ସଫଳତା ପାଇଁ ସେ ଓଡ଼ିଶା ସରକାରଙ୍କୁ ଶ୍ରେୟ ପ୍ରଦାନ କରିଥିଲେ। ଅତିଥିମାନେ ବିଶେଷ ଭାବରେ ଶ୍ରୀମତୀ ବାଣୀଶ୍ରୀ ଶତପଥୀଙ୍କ ଉଦ୍ୟମ, ପରିଶ୍ରମ ଓ ଦୂରଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କ ନିଷ୍ଠା, ସଂକଳ୍ପ ଓ ଅକ୍ଲାନ୍ତ ପ୍ରୟାସ ଫଳରେ ଆଜି କଟକ ସହରରେ ଏହି ଓପୋଲଫେଡ଼ ସେଲ୍ସ ବୁଥ୍ ସଫଳତାର ସହ ଗଢ଼ି ଉଠିପାରିଛି ବୋଲି ସେମାନେ କହିଥିଲେ। ଏପରି ଉଦ୍ୟମୀ ମହିଳାମାନେ ସମାଜର ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ‘କଟକ କିଚେନ୍’ ର ପ୍ରମୁଖ ବିଶେଷତା ହେଉଛି ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ସ୍ୱାଦିଷ୍ଟ, ପୁଷ୍ଟିକର, ସ୍ୱାସ୍ଥ୍ୟକର ଏବଂ ଗୁଣାତ୍ମକ ନିରାମିଷ ଓ ଆମିଷ ଖାଦ୍ୟ ଯୋଗାଇବା। ଆଧୁନିକ ରୋଷେଇ ପ୍ରଣାଳୀ, ଖାଦ୍ୟର ଗୁଣବତ୍ତା, ସ୍ୱଚ୍ଛତା ଓ ପରିଚ୍ଛନ୍ନତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏଠାରେ ପ୍ରସ୍ତୁତ ହେଉଥିବା ପ୍ରତ୍ୟେକ ଖାଦ୍ୟ ସ୍ୱାସ୍ଥ୍ୟବିଧିକୁ ଅନୁସରଣ କରି ପ୍ରସ୍ତୁତ କରାଯିବା ସହ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଓ ସନ୍ତୁଷ୍ଟିକୁ ପ୍ରାଥମିକତା ଦିଆଯିବ। ଏହି ଅବସରରେ ଏଜେଣ୍ଟ ଶ୍ରୀମତୀ ବାଣୀଶ୍ରୀ ଶତପଥୀ ଓ ପୋଲଫେଡ ମ୍ୟାନେଜିଂ ଡିରେକ୍ଟର ଡାଃ ଗିରିଧାରୀ ସାହୁ, ଜେନେରାଲ ମ୍ୟାନେଜର ଡାଃ ଅଜିତ କୁମାର ପତିଙ୍କୁ ଧନ୍ୟବାଦ ଦେବା ସହ କହିଥିଲେ ଯେ, “କଟକ କିଚେନ୍”ର ଲକ୍ଷ୍ୟ କେବଳ ଖାଦ୍ୟ ବିକ୍ରି ନୁହେଁ, ବରଂ ପ୍ରତ୍ୟେକ ଗ୍ରାହକଙ୍କୁ ଘରୋଇ ସ୍ୱାଦ ସହ ପୁଷ୍ଟିକର, ପରିଷ୍କାର ଓ ବିଶ୍ୱସନୀୟ ଖାଦ୍ୟ ପହଞ୍ଚାଇବା। ଭବିଷ୍ୟତରେ ଏହି ସେବାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରୟାସ ଜାରି ରହିବ। ଓପୋଲଫେଡ଼ର ଏହି ପଦକ୍ଷେପ କେବଳ ଏକ ବ୍ୟବସାୟିକ ପ୍ରକଳ୍ପ ନୁହେଁ,। କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଦାସ, ଜଗଦୀଶ ମହାନ୍ତି, ଦୁର୍ଲଭ କୁମାର ଦାସଙ୍କ ସମେତ ଓପୋଲଫେଡ଼ର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଜେଣ୍ଟ ଆଲୋକ କୁମାର ବେହେରା, ମହମ୍ମଦ କମଳ ଆଲ୍ଲାମ, କୀର୍ତ୍ତି ଚନ୍ଦ୍ର ସାମଲ, ପ୍ରମୋଦ ପୃଷ୍ଟି, ସୁଶାନ୍ତ କୁମାର ବେହେରା, ତ୍ରିଲୋଚନ ସାହୁ, ଏସ୍ କେ ବାବୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଲଳିତ ମୋହନ ଶତପଥୀ ଓ ଦୀପ୍ତି ରଞ୍ଜନ ଶତପଥୀ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। କଟକବାସୀଙ୍କ ପାଇଁ “କଟକ କିଚେନ୍” ନିଶ୍ଚିତ ଭାବେ ଏକ ବିଶ୍ୱସନୀୟ ଭୋଜନ କେନ୍ଦ୍ର ଭାବେ ପରିଚିତ ହେବ ବୋଲି ଆଶା ପ୍ରକାଶ ପାଇଛି ।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ



**ଆଠମଲ୍ଲିକ,୧୬।୭(ଖବର):**ମାଧପୁର ଅଞ୍ଚଳ ର ରଞ୍ଜନ ପରେଖ, ବୃତି ରେ ଜଣେ ମୋବାଇଲ ଓ ବିକ୍ରେତା, ବୟସ ୩୦-୩୧ ବର୍ଷ ହେବ ଆଜି ଅପରାହ୍ନରେ ରଥଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ଆଠମଲ୍ଲିକ ଠାରୁ ୧୦ କିମି ଦୂର ବଇଣ୍ଡା - କିଆକଟା ରାଜ୍ୟ ରାଜପଥ ର ଲାଉପାଳ ଛକ ନିକଟରେ ଅଜଣା ଗାଡି ଧକ୍କା ରେ ମୃତ୍ୟୁବରଣ କରିଛନ୍ତି । ସେ ଜଣେ ମେଳାପୀ ଓ ଲୋକପ୍ରିୟ ଯୁବକ ଥିଲେ କିଛି ବର୍ଷ ତଳେ ବିବାହ କରିଥିଲେ ମାତ୍ର ତାଙ୍କର କୈଣସି ସନ୍ତାନ ସନ୍ତତି ନ ଥିଲେ । ପ୍ରକାଶ ଥାଉକି ରଞ୍ଜନ ସନ୍ଧ୍ୟା ସମୟରେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଲାଉପାଳ ଛକ ନିକଟରେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା ସେଥିରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ହୋଇଥିଲା ଘଟଣା ସମୟରେ ପ୍ରତେକ୍ଷଦର୍ଶୀ କେହି ନ ଥିଲେ ପରେ ସ୍ଥନୀୟ ଲୋକ ଖବର ପାଇ ରକ୍ତାକ୍ତ ଅବସ୍ଥା ରେ ପଡିଥିବାର ଦେଖି ସ୍ଥାନୀୟ ଅଞ୍ଚଳର ଲୋକମାନେ ୧୦୮ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ। ୧୦୮ ଯୋଗେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ କୁ ଅଣାଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଲୋକପ୍ରିୟ ଯୁବକ ଙ୍କ ଅକାଳ ବିୟୋଗ ରେ ସ୍ଥନୀୟ ଅଞ୍ଚଳବାସି ଓ ଆତ୍ମୀୟ ସ୍ୱଜନ ଗଭୀର ମର୍ମାହିତ ହୋଇଥିଲେ ।

# ଅଲ୍ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ପକ୍ଷରୁ ରଥଯାତ୍ରାରେ ଅନ୍ନପ୍ରସାଦ ସେବା




**ଭୁବନେଶ୍ୱର, ୧୬।୭(ଖବର):** ସବୁ ବର୍ଷ ପରି ଚଳିତ ବର୍ଷ ମଧ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଅଲ୍ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ଆନୁକୁଲ୍ୟରେ ଏକ ଭବ୍ୟ ନିଃଶୁଳ୍କ ଅନ୍ନପ୍ରସାଦ ଓ ଜନସେବା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରକୁ ଆସିଥିବା ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହାପ୍ରସାଦ ବଣ୍ଟନ କରାଯିବା ସହ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଏହି ସେବା କାର୍ଯ୍ୟରେ ମହାସଂଘର ସଭାପତି ବଳରାମ ମହାପାତ୍ର, ସମ୍ପାଦକ ରଣଜିତ୍ ମିଶ୍ର, କାର୍ଯ୍ୟକାରୀ ସଭାପତି ବିରଞ୍ଚି ସାହୁ, ଉପ-ସଭାପତି ଉମେଶ ସାହୁ ଓ କେଶବ ସାହୁ, ସହ-ସମ୍ପାଦକ ରାଜୀବ ପରିଡ଼ା ଏବଂ କୋଷାଧ୍ୟକ୍ଷ ରାକେଶ ସିନ୍ହା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହାସହିତ ସମ୍ବଲପୁର ଜିଲ୍ଲା ସଭାପତି ଗଣେଶ ସାହୁ, ବାଲେଶ୍ୱର ଶାଖା ସଭାପତି ହୀରେନ୍ଦ୍ର ନାୟକ, ସମ୍ପାଦକ ଅଜୟ ଓଝା ଏବଂ ପୁରୀ ରଥଯାତ୍ରା କାର୍ଯ୍ୟକ୍ରମର ଅଧକ୍ଷ ସୁରେଶ ସାହୁଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଚଳିତ ବର୍ଷ ରଥଯାତ୍ରା ସମୟରେ ପ୍ରବଳ ବର୍ଷା ହୋଇଥିଲେ ସୁଦ୍ଧା, ସମସ୍ତ ସଦସ୍ୟଙ୍କ ନିଷ୍ଠାପର ଉଦ୍ୟମ ଓ ସହଯୋଗ ଯୋଗୁଁ ସେବା କାର୍ଯ୍ୟଟି ଅତ୍ୟନ୍ତ ସୂଚାରୁ ରୂପେ ସମ୍ପାଦିତ ହୋଇପାରିଛି। ମହାସଂଘର ଏଭଳି ଜନହିତକର କାର୍ଯ୍ୟକୁ ସେବା ପାଇଥିବା ଶ୍ରଦ୍ଧାଳୁ ଓ ସ୍ଥାନୀୟ ଜନସାଧାରଣ ବେଶ୍ ପ୍ରଶଂସା କରିଛନ୍ତି।

# ଯୁବକମାନଙ୍କ ଅବସ୍ଥା ସଙ୍କଟରେ

**କଳାହାଣ୍ଡି,୧୬।୭(ଖବର):** ବହୁ ସଙ୍କଟରେ କାଳାତିପାତ କରୁଛନ୍ତି ଆଜିର ଯୁବକ ମାନେ । ସବୁବେଳେ କହି ଆସୁଛନ୍ତି ଯୁବକ ମାନେ ଆମ ଦେଶର ଭବିଷ୍ୟତ । ହଁ ଯୁବକ ମାନେ ଭବିଷ୍ୟତ ହେଲେ ଥରେ କାହାରି ନଜର ପଡେ ନାହିଁ । ଯେଉଁ ଯୁବକ ଟିକୁ ଭବିଷ୍ୟତ କହୁଥିଲେ ବାସ୍ତବରେ ତାର ଅବସ୍ଥା କଣ । କେମିତି ଅଛି ଯୁବକ ମାନଙ୍କର ଅବସ୍ଥା । ଭାରତ ଏକ ଜନବହୁଳ ଦେଶ । ସ୍ୱଭାବିକ ଯୁବକ ଙ୍କ ସଂଖ୍ୟା ଅଧିକ ହେବ । ସମସ୍ତେ କୁହନ୍ତି ଯୁବକ ମାନେ ଦେଶର ମେରୁଦଣ୍ଡ ।କିନ୍ତୁ ଥରେ ସେ ମେରୁଦଣ୍ଡ ବିଷୟରେ କେହି ଚିନ୍ତା କରୁଛନ୍ତି କି ? ସେ ମେରୁଦଣ୍ଡଟି ଏବେ କେଉଁ ପରିସ୍ଥିତି ରେ ରହୁଛି ।ଖାଲି ପୁଳା ପୁଳା ଭାଷଣ ଛଡା ଆଉ କିଛି ନାହିଁ ।ଯଦି ଯୁବକ ଟିକୁ ଦେଶର ମେରୁଦଣ୍ଡ କହୁଛ ସେ ମେରୁଦଣ୍ଡଟି ଆଜି ବଙ୍କା ହେବାକୁ ବସିଲାଣି ।ଭବିଷ୍ୟତ ଆଜି ବହୁ ମାତ୍ରାରେ ବେକାର ହୋଇ ବୁଲୁଛନ୍ତି । କଣ ପାଇଁ କହୁଛ ଯୁବକ ମାନେ ଦେଶର ଭବିଷ୍ୟତ ।ସରକାର ଆଜି ଯୁବକ ମାନଙ୍କୁ ନିଯୁକ୍ତି ଦେବାରେ ଅସମର୍ଥ । ଗୋଟେ ଛୋଟିଆ ଚାକିରୀ ପାଇଁ ଆଜି ହଜାର ହଜାର ଆବେଦନ କରୁଛନ୍ତି ଫେର ବହୁ ଉଚ୍ଚ ଶିକ୍ଷିତ । ସେଇ ଭବିଷ୍ୟତ ଆଜି ଚାକେରି ନ ପାଇ ଘରେ ମାଆ,ବାପା, ଭାଇ, ଭଉଣୀ ଙ୍କ ପାଇଁ ଯାଉଛି ଦାଦନ ଖଟିବାକୁ ।ହଁ ସେଇ ଦାଦନ ଶବ୍ଦଟି ରାଜନୈତିକ କ୍ଷେତ୍ରରେ ଖୁବ ଯୋର ଧରେ ପରେ ସେ ଶବ୍ଦଟି ବି ମଉଳି ଯାଏ । ଦେଶର ଭବିଷ୍ୟତ ଆଜି ଦାଦନ ଖଟୁଛି । ଘର ଠାରୁ ବହୁ ଦୂରରେ ତ କିଏ କୋଉ ଦୋକାନ ରେ ରହୁଛି ! ଉଚ୍ଚ ଶିକ୍ଷିତ ଯୁବକ ଆଜି ବେକାର । ସତରେ ଭବିଷ୍ୟତ ଆଜି ବର୍ତମାନ ପାଖରେ ଆଣ୍ଠୁ ମାଡି ବସି ପଡିଛି ! ଯଦି ଭବିଷ୍ୟତ ଆଜି ବର୍ତମାନ ପାଖରେ ଆଣ୍ଠୁ ମାଡି ବସିପଡ଼ିଛି ସତରେ ଭବିଷ୍ୟତ ଙ୍କ ଭାଗ୍ୟ ଅନ୍ଧାର ରେ ରହିଯିବ । ଆଜି ଆମ କଳାହାଣ୍ଡି ଜ଼ିଲ୍ଲା ରେ ବେକାରୀ ଏକ ମୁଖ୍ୟ ସମସ୍ୟା ହୋଇ ମୁଣ୍ଡ ଟେକିଛି । ପ୍ରତେକ ନିର୍ବାଚନ ରେ ନେତାମାନେ ପ୍ରତିଶୃତି ଦେଉଛନ୍ତି ସେମାନେ ଶାସନ ଭାର ସମ୍ଭାଳିଲେ ବେକାରୀ ସମସ୍ୟାର ଦୂରୀ କରିବେ । କିନ୍ତୁ ସ୍ୱାଧୀନତା ର ଦୀର୍ଘ ବର୍ଷ ବିତି ଯାଉଥିଲେ ମଧ ସେ ସମାନ କଥା ।ଆଜି ଆମ କଳାହାଣ୍ଡି ଜ଼ିଲ୍ଲା ର ଉଚ୍ଚ ଶିକ୍ଷିତ ଯୁବକ ମାନେ ନିଯୁକ୍ତି ନ ପାଇ ବେକାର ହୋଇ ରହିଛନ୍ତି । କିଏ ଦାଦନ ଯାଉଛି ତ କିଏ କିଏ ଦୋକାନ ରେ କାମ କରି ଆଉ କିଏ କିଏ ଡକାୟତ କରିବାକୁ ପଛାଉ ନାହାନ୍ତି । ଆଜି ପ୍ରତେକ ଦିନ ବ୍ୟାଙ୍କ ଚୋରି ଖବର ଆସୁଛି ।ସରକାର କେବେ ବୁଝିଛନ୍ତି ଜଣେ ଯୁବକ ସରକାର ଙ୍କ ଧାର୍ଯ୍ୟ ବେତନ ଠୁଁ ବି କମ ପାଉଛି । ଯଦି ସେ ପ୍ରତିବାଦ କରେ ହୁଏତ ତା ପର ଦିନଠୁ ତା ବୁଢ଼ା ବାପା, ମାଆକୁ ଖାଇବା ଦେଇ ପାରିବ ନାହିଁ । ତା ବାପା, ମାଆ ର ଔଷଧ ଟିକେ ଦେଇ ପାରିବନାହିଁ । ବାଧ ହୋଇ ପଡିରହୁଛି । ସରକାର ଏ ଦିଗରେ ରାଜନୀତି ନ କରି ବହୁ ମାତ୍ରାରେ ଦେଶର ଭବିଷ୍ୟତ, ମେରୁଦଣ୍ଡ ଯୁବକ ମାନଙ୍କୁ ନିଯୁକ୍ତି ଦିଅନ୍ତୁ ।ମେରୁଦଣ୍ଡ ଟି ଯେପରି ବର୍ତମାନ ରେ ଆଣ୍ଠୁ ମାଡି ପଡି ନ ଯାଉ ସେ ଭବିଷ୍ୟତ ବନ୍ତୁ । ଏଥି ପ୍ରତି ସରକାର ଧ୍ୟାନ ଦେବା ଦରକାର । ସତରେ ଯୁବକ ମାନଙ୍କ ଅବସ୍ଥା ସଙ୍କଟ ରେ ଗତି କରୁଛି ।

# ଦୁର୍ଘଟଣାରେ ଚାଲିଗଲା ସ୍ୱାମୀ-ସ୍ତ୍ରୀଙ୍କ ଜୀବନ

## ଦୁଇ ଘଣ୍ଟା ରାସ୍ତାରୋକ

**ରଙ୍ଗେଇଲୁଣ୍ଡା,୧୬।୭(ଖବର):** ସଡ଼କ ଦୁର୍ଘଟଣାରେ ହାତ ଧରାଧରି ହୋଇ ଆରପାରିକୁ ଚାଲିଗଲେ ସ୍ୱାମୀ ସ୍ତ୍ରୀ । ଚିକିତ୍ସା କରିବାକୁ ନିଜ ସ୍ୱାମୀଙ୍କ ହାତ ଧରି ବାଟ କଡାଇ ନେଉଥିଲା ସ୍ତ୍ରୀ । କିନ୍ତୁ କିଏ ଜାଣିଥିଲା ଚିକିତ୍ସା ପରିବର୍ତ୍ତେ ଯାତ୍ରା ଶେଷ ଯାତ୍ରା ହେବ ବୋଲି । ଆଉ ଏଭଳି ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଛି ଗୋଳାନ୍ତରା ଥାନା ଅନ୍ତର୍ଗତ ରଣ୍ଡା ଛକରେ । ରଣ୍ଡା ଗାଁର ହରିଶ୍ଚନ୍ଦ୍ର ଦାସ ଓ ତାଙ୍କ ପତ୍ନୀ ପରୀ ଦାସ ଆଜି ସକାଳ ପ୍ରାୟ ୧୦.୩୦ ମିନିଟ୍ ସମୟରେ ଘରୁ ବାହାରକୁ ବାହାରିଥିଲେ । ହରିଶ୍ଚନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଭଲ ନଥିବା ଯୋଗୁଁ ତାଙ୍କର ଚିକିତ୍ସା ପାଇଁ ତାଙ୍କ ହାତକୁ ଧରି ପତ୍ନୀ ପରୀ ଦାସ ନେଉଥିଲେ । ହରିଶ୍ଚନ୍ଦ୍ର ଓ ପରୀ ରଣ୍ଡା ଛକରେ ରାସ୍ତା ପାର ହେବା ପାଇଁ ଠିଆ ହୋଇଥିଲେ । ଏହି ସମୟରେ ହଠାତ୍ ଏକ କାର (ଓଡି ୧୮ ଜେ ୪୫୫୪) ପଛପଟକୁ ଗୋଟେ ଟ୍ରକ (ଆର୍ ଜେ ୧୪ ଜି ୟୁ ୫୨୫୯) ଧକ୍କା ଦେଇଥିଲା । ଯାହାଫଳରେ ଓଡି ୧୮ ଜେ ୪୫୫୪ ନଂ କାରଟି ହରିଶ୍ଚନ୍ଦ୍ର ଓ ପରୀକୁ ଧକ୍କା ଦେବା ଫଳରେ ଉଭୟ ରାସ୍ତାରେ ଛିଟିକି ହୋଇ ପଡ଼ିଥିଲେ । ରାସ୍ତାରେ ଉଭୟ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ଅନ୍ୟ ଏକ ଟ୍ରକ ଉଭୟଙ୍କୁ ରାସ୍ତା ଉପରେ ଚକୁଡି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ଉଭୟ ହରିଶ୍ଚନ୍ଦ୍ର ଓ ପରୀଙ୍କ ମୃତ୍ୟୁ ହୋଇଥିଲା । ସମ୍ପର୍କିୟ ଲୋକେ ଏନେଇ ଜାଣିବା ପରେ ରଣ୍ଡା ଛକରେ ଟାୟାର ଜାଳି ଦୁଇ ଘଣ୍ଟା ରାସ୍ତାରୋକ କରିଥିଲେ । ମୃତକଙ୍କ ପରିବାରକୁ ଆବଶ୍ୟକୀୟ କ୍ଷତିପୂରଣ ସହ ରଣ୍ଡା ଛକରେ ଚାଲିଥିବା ଓଭରବ୍ରିଜ ନିର୍ମାଣକୁ ଜୋରସୋରରେ କରିବା ଦାବିରେ ଦୀର୍ଘ ସମୟ ଧରି ଜାତୀୟ ରାଜପଥ -୧୬କୁ ଅବରୋଧ କରିଥିଲେ ସ୍ଥାନୀୟ ଲୋକେ । ଯାହାଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ମୋଟର ଅଟକି ରହିଥିଲା । ଏ ସମ୍ପର୍କରେ ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଟୁନା ସାସମଲ, ସଦର ଏସଡିପି ସୁବ୍ରାଂଶୁ ଶେଖର ପରିଡ଼ା, କନିଷ୍ଠ ତହସିଲଦାର କବିରାଜ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମାନଙ୍କୁ ବୁଝାସୁଝା କରିଥିଲେ । ମୃତକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏଁ ୬୦ ହଜାର ଟଙ୍କା କନିଷ୍ଠ ତହସିଲଦାର ପ୍ରଦାନ କରିଥିଲେ । ଏହାସହ ଓଭରବ୍ରିଜ କାମ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା ।

# ମଦ ଦୋକାନକୁ ତାଲା ପକାଇଲେ ମହିଳା: ନିଶା ପାଇଁ ଅଶାନ୍ତରେ କେସିଙ୍ଗା



**କଳାହାଣ୍ଡି,୧୬।୭(ଖବର):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ନିଶାନ୍ତ ବାର ପାଇଁ ବର୍ତ୍ତମାନ କେସିଙ୍ଗା ଅଶାନ୍ତ ହୋଇପଡ଼ିଛି। ଦୀର୍ଘ ଏକମାସ ଧରି ଉପୁଜିଥିବା ସମସ୍ୟା ଆଜି ଯାଏଁ ସମାଧାନ ହୋଇନଥିବାରୁ ଦିନକୁଦିନ ଉତ୍ତେଜନା ବଢ଼ିବାରେ ଲାଗିଛି। ଆଗରୁ ଏନଓସି ଦେଇଥିବା ଏନଏସି ଅଞ୍ଚଳବାସୀଙ୍କ ଭାବାବେଗକୁ ଦେଖି ଏନଓସି ବାତିଲ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଶାନ୍ତ ବାର ସ୍ଥାନାନ୍ତରଣ ବାତିଲ ଆଦେଶ ନ ଆସିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।ସ୍ଥାନୀୟ ଅବକାରୀ କାର୍ଯ୍ୟାଳୟ ରୁ ଆରମ୍ଭ କରି କେସିଙ୍ଗା ପୋଲିସ ଷ୍ଟେସନରେ ଅଭିଯୋଗ ପୁଣି ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ ସହ ଉପ ଜିଲ୍ଲାପାଳଙ୍କୁ ସମସ୍ୟା ଉପରେ ଅବଗତ କରାଯାଇ କିପରି ଓଡ଼ିଶା ଅବକାରୀ ନିୟମ -୨୦୧୭ର ଉଲ୍ଲଙ୍ଘନ ନିଶାନ୍ତ ବାର ମାଲିକ କରୁଛନ୍ତି ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ନିୟମ ଅନୁସାରେ କୌଣସି ମଦ ଦୋକାନ କିମ୍ବା ବାର ଜନ ବସତି, ସ୍କୁଲ, କିମ୍ବା ମନ୍ଦିର ପାଖରେ ହୋଇ ପାରିବ ନାହିଁ ବୋଲି ଉଲ୍ଲେଖ ରହିଥିଲେ ମଧ୍ୟ ସବୁ ପ୍ରକାର ବିରୋଧକୁ ଖାତିର ନକରି ନିଶାନ୍ତ ବାର ମାଲିକ ଜନସାଧାରଙ୍କ ବିରୋଧ ସ୍ଥାନରେ ତିନୋଟି ଘର ଭଡ଼ା ସୂତ୍ରରେ ନେଇ କିଭଳି ନିଜର ବ୍ୟବସାୟୀକ ଭିତ୍ତିଭୂମି ପ୍ରସ୍ତୁତି ଆରମ୍ଭକରୁଛି ତାହା କେସିଙ୍ଗାବାସୀଙ୍କୁ ଚକିତ କରୁଛି। ଗତକାଲି ୱାର୍ଡର ପ୍ରାୟ ୩୦ ଜଣ ମହିଳାଙ୍କ ସମେତ ସିଟିଜନ ଫୋରମର ଅନେକ ସଦସ୍ୟ ଉକ୍ତ ବିଷୟରେ ଆଲୋଚନା ମାଧ୍ୟମରେ ବିବାଦ ସମାଧାନ ପାଇଁ ବାର ମାଲିକଙ୍କୁ ଡାକିଥିଲେ। ଏହି ବିବାଦୀୟ ସ୍ଥାନରେ ବାର ନଖୋଲି ଅନ୍ୟସ୍ଥାନରେ ବାର ଖୋଲିବା ପାଇଁ କହିଥିଲେ ମଧ୍ୟ ବାର ମାଲିକ ଅସହମତି ପ୍ରକାଶ କରିଥିଲେ। ଶେଷରେ ଉପସ୍ଥିତ ମହିଳାମାନେ ବାର ପାଇଁ ଭଡ଼ା ନେଇଥିବା ତିନୋଟି ଘରକୁ ତାଲା ଦେଇ କେସିଙ୍ଗା ଥାନାକୁ ଯାଇ ପୁଣିଥରେ ବାର ନାମରେ ଲିଖିତ ଅଭିଯୋଗ କରିଥିଲେ।

**ବର୍ଷାରେ ଛାତ ଢଳେଇ**

# କାହା ଇସାରାରେ ଚାଲିଛି ଏହି ବେପରୁଆ କାମ ?

- ବିଡିଓଙ୍କ ଉପସ୍ଥିତିକୁ ନେଇ ବଢ଼ିଲା ବିବାଦ
- ଜେଇ-ଠିକାଦାରଙ୍କ ମିଳିଭଗତ ଅଭିଯୋଗ



**ଜଗତସିଂହପୁର,୧୬।୭ (ଖବର) ମନୋଜ କୁମାର ଜେନା :** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ପରିସରରେ ଚାଲିଥିବା ଏକ ସରକାରୀ ନିର୍ମାଣ କାର୍ଯ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ବ୍ଲକ ଅଧକ୍ଷଙ୍କ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାର ଛାତ ଢଳେଇ ପ୍ରବଳ ବର୍ଷା ସମୟରେ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି କାର୍ଯ୍ୟ ବିଡିଓଙ୍କ ଉପସ୍ଥିତିରେ ହୋଇଥିବା ଅଭିଯୋଗ ହେବାରୁ ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ନିର୍ମାଣ କାର୍ଯ୍ୟରେ ବୈଷୟିକ ମାନଦଣ୍ଡ ଅନୁଯାୟୀ ପ୍ରବଳ ବର୍ଷା ସମୟରେ ଛାତ ଢଳେଇ କରିବା ଉଚିତ ନୁହେଁ। ବର୍ଷାର ପାଣି ସିମେଣ୍ଟ-କଂକ୍ରିଟର ଅନୁପାତକୁ ପ୍ରଭାବିତ କରି ନିର୍ମାଣର ଗୁଣବତ୍ତାକୁ କ୍ଷତିଗ୍ରସ୍ତ କରିପାରେ। ଏଭଳି ପରିସ୍ଥିତିରେ ଛାତର ସ୍ଥାୟୀତ୍ୱ ଓ ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି ଯେ, କେଉଁ ସାହସ ଓ କାହାର ପ୍ରଶ୍ରୟରେ ଠିକାଦାର ଏଭଳି ବର୍ଷା ମଧ୍ୟରେ ଛାତ ଢଳେଇ କାର୍ଯ୍ୟ ଜାରି ରଖିଲେ ? ଏହା ପଛରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ (ଜେଇ) ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମିଳିଭଗତ ଥିବା ଅଭିଯୋଗ ମଧ୍ୟ ଉଠୁଛି। କାମର ଗୁଣବତ୍ତାକୁ ଅଣଦେଖା କରି କେବଳ ବିଲ୍ ପାସ୍ କରିବା ପାଇଁ ତରବରିଆ ଭାବେ କାର୍ଯ୍ୟ ସରାଯାଉଥିବା ଚର୍ଚ୍ଚା ମଧ୍ୟ ଜୋର ଧରିଛି। ସରକାରୀ ଅର୍ଥରେ ହେଉଥିବା ଏହି ନିର୍ମାଣ କାର୍ଯ୍ୟରେ ଯଦି ଗୁଣବତ୍ତାକୁ ବଳି ପକାଯାଏ, ତେବେ ଭବିଷ୍ୟତରେ ସରକାରୀ ସମ୍ପତ୍ତି କ୍ଷତିଗ୍ରସ୍ତ ହେବା ସହ ଜନସାଧାରଣଙ୍କ ଟଙ୍କା ମଧ୍ୟ ପାଣିରେ ପଡ଼ିବ ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରବଳ ବର୍ଷା ମଧ୍ୟରେ ଛାତ ଢଳେଇ ପାଇଁ କିଏ ଅନୁମତି ଦେଲେ, କେଉଁ ପରିସ୍ଥିତିରେ କାର୍ଯ୍ୟ ଚାଲିଲା ଏବଂ ନିର୍ମାଣର ଗୁଣବତ୍ତା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ବିଜେପି କୃଷକ ମୋର୍ଚ୍ଚାର ପୂର୍ଣ୍ଣାଙ୍ଗ ଟିମ୍ ଘୋଷଣା

# ସାଧାରଣ ସମ୍ପାଦକ ହେଲେ ସୌଭାଗ୍ୟ ମାନସ ନାୟକ

**ବାଲେଶ୍ୱର,୧୬।୭(ଖବର)ହ୍ରିତିକ ନାୟକ:** ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅନୁମୋଦନ କ୍ରମେ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ପୂର୍ଣ୍ଣାଙ୍ଗ ଟିମ୍ ଘୋଷଣା କରାଯାଇଛି। ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ମହାନ୍ତି ସାଧାରଣ ସମ୍ପାଦକ ଭାବେ ଯୁବ ନେତା ସୌଭାଗ୍ୟ ମାନସ ନାୟକଙ୍କୁ ନିଯୁକ୍ତ କରିଛନ୍ତି ।ସେହିପରି ମହେଶ୍ୱର ଗିରିଙ୍କୁ କାର୍ଯ୍ୟାଳୟ ସମ୍ପାଦକ, ବିକ୍ରମ ବିଶ୍ୱାଳଙ୍କୁ ଆଇଟି ସେଲ୍ ସହ-ସଂଯୋଜକ ଭାବେ ଦାୟିତ୍ୱ ମିଳିଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ କମଳାକାନ୍ତ ଦାସ, ଲମ୍ବୋଦର ମହାପାତ୍ର, ସୁଷମା ମହାପାତ୍ର, ଓମ୍ ପ୍ରକାଶ ପ୍ରଧାନ, ତନୟ ମହାନ୍ତି ଓ ଉର୍ମିଳା ବେହେରାଙ୍କୁ ସ୍ଥାନ ଦିଆଯାଇଛି ।ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲା ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ମଣ୍ଡଳ ସଭାପତି ଓ ମଣ୍ଡଳ କମିଟି ଗଠନ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବାରୁ ବାଲେଶ୍ୱର ଜିଲ୍ଲା କୃଷକ ମୋର୍ଚ୍ଚାକୁ ରାଜ୍ୟରେ ଏକ ନମ୍ବର ସଂଗଠନ ଭାବେ ପ୍ରଶଂସା କରାଯାଇଛି। ଏହି ସଫଳତା ପାଇଁ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ତାପସ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଥିଲେ।

# କୂଅରୁ ଜଙ୍ଗଲୀ ବିଲୁଆକୁ ଉଦ୍ଧାର କଲା ବନବିଭାଗ



**ବଣାଇଁ, ୧୬।୭ (ଖବର) ଡମ୍ବରୁ ପ୍ରଧାନ :** ବଣେଇ ବନଖଣ୍ଡର କୁଳିପୋଷ ରେଞ୍ଜ ଅନ୍ତର୍ଗତ ଖୁଣ୍ଟିଗାଁ ଗ୍ରାମର ଏକ କୂଅରେ ଜଙ୍ଗଲି ବିଲୁଆ ପଡ଼ି ଗୁରୁତର ଥିବା ବେଳେ ତାକୁ ଉଦ୍ଧାର କଲା ବନବିଭାଗ। ଏକ ଜଙ୍ଗଲି ବିଲୁଆ ଖାଦ୍ୟ ଅନ୍ୱେଷଣରେ ଆସି ଖୁଣ୍ଟିଗାଁ ଗ୍ରାମର ମନୋଜ କୁମାର ବେହେରାଙ୍କ ବାଡିରେ ଥିବା ପଥର କୂଅରେ ପଡ଼ି ଯାଇଥିଲା, କୂଅ ମାଲିକ ମନୋଜ କୂଅରେ ବିଲୁଆ ପଡ଼ି ଯାଇଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ ଫଳରେ ବନ ବିଭାଗର କର୍ମଚାରୀ ଓ ତାଙ୍କ ଉଦ୍ଧାରକାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରଣ କୌଶଳ କରି ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଉଦ୍ଧାର ପରେ ଉକ୍ତ ବିଲୁଆଟି ସେଠାରୁ ଦୌଡ଼ି ପଳାଇଥିବା ସୂଚନା ମିଳିଛି।






# ଲର୍ଡ୍ସରେ ଭାରତ ପାଇଁ ଶେଷ ଥର ଖେଳିବେ ରୋହିତ ଶର୍ମା ?

**ନୂଆଦିଲ୍ଲୀ, ୧୬।୦୭:** ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଆସିଛି ଏକ ଚମକାଇ ଦେବା ଭଳି ଖବର। ଟିମ୍ ଇଣ୍ଡିଆର ଷ୍ଟାର ଓପନର ତଥା ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ଦିନିକିଆ କ୍ରିକେଟ୍ କ୍ୟାରିୟର ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଚର୍ଚ୍ଚା ଜୋର ଧରିଛି। ଜୁଲାଇ ୧୯ ତାରିଖରେ ଲର୍ଡ୍ସର ଐତିହାସିକ ମଇଦାନରେ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ତୃତୀୟ ଦିନିକିଆ ମ୍ୟାଚ୍ 'ହିଟ୍‌ମ୍ୟାନ୍'ଙ୍କ ଦିନିକିଆ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ମ୍ୟାଚ୍ ହୋଇପାରେ।

'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇର ସିନିୟର ସିଲେକ୍ସନ କମିଟି ରୋହିତ ଶର୍ମାଙ୍କୁ ଟିମ୍ ଇଣ୍ଡିଆର ଭବିଷ୍ୟତ ଯୋଜନାରେ ତାଙ୍କୁ ନେଇ ଆଗକୁ ଚିନ୍ତା କରାଯାଉନଥିବା ବିଷୟରେ ସ୍ପଷ୍ଟ ଭାବେ ଜଣାଇଥିବା ଦାବି କରାଯାଇଛି। ଏହାର ଅର୍ଥ, ୨୦୨୭ ଦିନିକିଆ ବିଶ୍ୱକପ୍ ଯୋଜନାରେ ରୋହିତ ଶର୍ମା ଅଂଶ ନୁହନ୍ତି ବୋଲି ରିପୋର୍ଟରେ କୁହାଯାଇଛି।

ବିସିସିଆଇ ସୂତ୍ରକୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ, ୨୦୨୭ ବିଶ୍ୱକପ୍‌କୁ ନଜରରେ ରଖି ଚୟନକର୍ତ୍ତାମାନେ ଟିମ୍ ଇଣ୍ଡିଆରେ ଯୁବ ଖେଳାଳିଙ୍କୁ ଅଧିକ ସୁଯୋଗ ଦେବାକୁ ଚାହୁଁଛନ୍ତି। ରୋହିତଙ୍କ ବୟସ ଏବଂ ବର୍ତ୍ତମାନର ଫର୍ମକୁ ଦେଖି ଏହି କଠୋର ନିଷ୍ପତ୍ତି ନିଆଯାଇଥିବା ଚର୍ଚ୍ଚା ହେଉଛି।

ଇଂଲଣ୍ଡ ସିରିଜ୍ ସମୟରେ ରୋହିତ ଶର୍ମା ବିସିସିଆଇର କିଛି ଅଧିକାରୀଙ୍କ ସହ ଏହି ମାମଲାରେ କଥା ହୋଇଥିବା ଜଣାପଡ଼ିଛି। ଦିନିକିଆ ଦଳରୁ ତାଙ୍କୁ ବାଦ୍ ଦେବା ନିଷ୍ପତ୍ତିରେ ରୋହିତ ଖୁସି ନଥିବା ମଧ୍ୟ ରିପୋର୍ଟରେ ଦାବି କରାଯାଇଛି।

ଭବିଷ୍ୟତର ଦଳ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଚୟନକର୍ତ୍ତାମାନେ ଗତବର୍ଷ ହିଁ ରୋହିତ ଶର୍ମାଙ୍କଠାରୁ ଦିନିକିଆ ଅଧିନାୟକତ୍ୱ ନେଇ



ଶୁଭମନ ଗିଲ୍‌ଙ୍କୁ ନୂଆ ଅଧିନାୟକ କରିଥିଲେ। ଏବେ ଦିନିକିଆ ଦଳରୁ ତାଙ୍କୁ ଅଲଗା କରିବା ସମ୍ପର୍କରେ ମଧ୍ୟ ଜଣାଇ ଦିଆଯାଇଥିବା ଦାବି ହେଉଛି।

**ଟେଷ୍ଟ ଓ ଟି-୨୦ରୁ ପୂର୍ବରୁ ନେଇସାରିଛନ୍ତି ସନ୍ନ୍ୟାସ**

ରୋହିତ ଶର୍ମା ଟେଷ୍ଟ ଓ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ପୂର୍ବରୁ ହିଁ ସନ୍ନ୍ୟାସ ନେଇସାରିଛନ୍ତି। ୨୦୨୪ ଜୁନ୍ ୨୯ରେ ଭାରତକୁ ଟି-୨୦ ବିଶ୍ୱକପ୍ ଚାମ୍ପିୟନ୍ କରିବାର କିଛି ଘଣ୍ଟା ପରେ ସେ ଏହି ଫର୍ମାଟ୍‌ରୁ ସନ୍ନ୍ୟାସ ଘୋଷଣା କରିଥିଲେ। ଏହା ପରେ ୨୦୨୫ ମେ ୭ରେ ଇଂଲଣ୍ଡ ଗସ୍ତ ପୂର୍ବରୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଟେଷ୍ଟ କ୍ରିକେଟ୍‌କୁ ମଧ୍ୟ ବିଦାୟ ଦେଇଥିଲେ।

ରୋହିତଙ୍କ ଟେଷ୍ଟରୁ ସନ୍ନ୍ୟାସ ପରେ ହିଁ ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ ଯୁବ ଖେଳାଳିଙ୍କୁ ଆଗକୁ ବଢ଼ାଇବା ନୀତି ଉପରେ ଜୋର ଦେଇଥିଲେ। ଏହି ଯୁବ ନୀତିର ପ୍ରଭାବରେ ଭଲ ଫର୍ମରେ ଥିବା ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଖେଳାଳିଙ୍କୁ ମଧ୍ୟ ଟିମ୍ କମ୍ବିନେସନ୍ କାରଣରୁ ଅନେକ ସମୟରେ ବେଞ୍ଚରେ ବସିବାକୁ ପଡ଼ିଥିଲା।

କାର୍ଡିଫ୍ ଦିନିକିଆରେ ରନ୍ ପାଇଁ ସଂଘର୍ଷ କଲେ ରୋହିତ

କାର୍ଡିଫ୍‌ରେ ଚାଲିଥିବା ଦ୍ୱିତୀୟ ଦିନିକିଆରେ ରୋହିତ ଶର୍ମା ବ୍ୟାଟିଂରେ ବିଫଳ ହୋଇଥିଲେ। ସେ ୪୭ଟି ବଲ୍ ଖେଳି ମାତ୍ର ୨୬ ରନ୍ କରିଥିଲେ। ଇନିଂସର ୧୭ତମ ଓଭରରେ ସାମ୍ କରନ୍ ରୋହିତଙ୍କ ବିପକ୍ଷରେ ଚମତ୍କାର ଲାଇନ୍ ଓ ଲେନ୍ଥରେ ବୋଲିଂ କରି ସମ୍ପୂର୍ଣ୍ଣ ମେଡେନ୍ ଓଭର ବୋଲିଂ କରିଥିଲେ। ଏହି ସମୟରେ ରୋହିତ ଗୋଟିଏ ରନ୍ ପାଇଁ ମଧ୍ୟ ସଂଘର୍ଷ କରୁଥିବା ଦେଖାଯାଇଥିଲା।

କରନଙ୍କ ମେଡେନ୍ ଓଭର ପରେ ପରବର୍ତ୍ତୀ ଓଭରରେ ୱିଲ୍ ଜ୍ୟାକ୍ସଙ୍କ ଲଗାତାର ୩ଟି ବଲ୍‌ରେ ରୋହିତ ରନ୍ କରିପାରିନଥିଲେ। ଚତୁର୍ଥ ବଲ୍‌ରେ ଖରାପ ସ୍ୱିପ୍ ଶଟ୍ ଖେଳି ସେ ନିଜ ୱିକେଟ୍ ହରାଇଥିଲେ। ତାଙ୍କ ଇନିଂସରେ ଲଗାତାର ୧୦ଟି ଡଟ୍ ବଲ୍ ମଧ୍ୟ ଦେଖିବାକୁ ମିଳିଥିଲା।

# ଇଂଲଣ୍ଡ ମାଟିରେ ବିରାଟ କୋହଲିଙ୍କ ଇତିହାସ

**ଲଣ୍ଡନ, ୧୬।୦୭:** ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଏକ ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି। କ୍ରିଜ୍‌କୁ ଆସିବା ମାତ୍ରେ ୪ଟି ଚମତ୍କାର ଚୌକା ମାରି ଫର୍ମକୁ ଫେରିବାର ସଙ୍କେତ ଦେଇଥିବା କୋହଲି ଇଂଲଣ୍ଡ ମାଟିରେ ସମସ୍ତ ଫର୍ମାଟ୍ (ଟେଷ୍ଟ, ଦିନିକିଆ ଓ ଟି-୨୦) ମିଶାଇ ସର୍ବାଧିକ ଅନ୍ତର୍ଜାତୀୟ ରନ୍ କରିଥିବା ଭାରତୀୟ ବ୍ୟାଟର ହୋଇଛନ୍ତି।

ଏହି ମାମଲାରେ ସେ ଭାରତର ପୂର୍ବତନ ମହାନ ବ୍ୟାଟର ତଥା 'ଦ ୱାଲ୍' ଭାବେ ପରିଚିତ ରାହୁଲ ଦ୍ରାବିଡଙ୍କ ଐତିହାସିକ ରେକର୍ଡ ଭାଙ୍ଗିଛନ୍ତି।

**ଦ୍ରାବିଡଙ୍କ ରେକର୍ଡ ଭାଙ୍ଗି ଶୀର୍ଷରେ କୋହଲି**

ରାହୁଲ ଦ୍ରାବିଡ ଇଂଲଣ୍ଡ ମାଟିରେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟ ୨୬୪୫ ରନ୍ କରିଥିଲେ। ତେବେ ବିରାଟ କୋହଲି ୨୬୪୬ ରନ୍‌ରେ ପହଞ୍ଚିବା ସହ ଏହି ତାଲିକାରେ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି।



**ରାହୁଲ ଦ୍ରାବିଡଙ୍କ ବଡ଼ ରେକର୍ଡ ଭାଙ୍ଗିଲେ**

**କ୍ରିଜ୍‌କୁ ଆସିବା ମାତ୍ରେ ଦେଖାଇଲେ 'କୋହଲି କ୍ଲାସ୍'**

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳର ଆରମ୍ଭ ଭଲ ଥିଲା। ତେବେ ଅଧିନାୟକ ଶୁଭମନ ଗିଲ୍ ୩୦ ବଲରେ ୩୧ ରନ୍ କରି ଆଉଟ୍ ହୋଇଥିଲେ। ଦଳର ସ୍କୋର ୪୫ ରନ୍ ଥିବାବେଳେ ପ୍ରଥମ ୱିକେଟ୍ ପଡ଼ିଥିଲା। ଏହା ପରେ ତୃତୀୟ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ବିରାଟ କୋହଲି କ୍ରିଜ୍‌ରେ ପାଦ ରଖିବା ମାତ୍ରେ ନିଜର ଚମତ୍କାର ବ୍ୟାଟିଂ କ୍ଲାସ୍ ଦେଖାଇଥିଲେ। ସେ ଆସିବା ସହ ୪ଟି ଦମଦାର ଚୌକା ମାରି ବୋଲରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ତେବେ ସେ ୬୫ ରନ କରି ଆଉଟ ହୋଇଥିଲେ।

# ଟି-୨୦ କ୍ରିକେଟରେ ନୂଆ ଇତିହାସ: ୨୬୭ ରନର ଲକ୍ଷ୍ୟ ବି ହେଲା ଛୋଟ

## ଷ୍ଟିଭ୍ ସ୍ମିଥଙ୍କ ବିସ୍ଫୋରକ ପାଳିରେ ଭାଙ୍ଗିଲା ପଞ୍ଜାବ କିଙ୍ଗ୍ସର ରେକର୍ଡ

**ଅକଲାଣ୍ଡ, ୧୬।୦୭:** ଅଷ୍ଟ୍ରେଲିଆର ସୁପରଷ୍ଟାର ଷ୍ଟିଭ୍ ସ୍ମିଥଙ୍କ ବିସ୍ଫୋରକ ପାଳି ବଳରେ ୱାଶିଂଟନ ଫ୍ରିଡମ୍ ମେଜର ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି) ୨୦୨୬ର ଏଲିମିନେଟର ମ୍ୟାଚରେ ଇତିହାସ ରଚିଛି। ୱାଶିଂଟନ ଫ୍ରିଡମ୍ ଡିଫେଣ୍ଡିଂ ଚାମ୍ପିୟନ୍ ଏମ୍‌ଆଇ ନ୍ୟୁୟର୍କକୁ ପରାସ୍ତ କରି ଟି-୨୦ କ୍ରିକେଟ ଇତିହାସରେ ସବୁଠାରୁ ବଡ଼ ରନ୍‌ଚେଜ୍ ସଫଳତାର ସହ ହାସଲ କରିଛି। ଏହି ମ୍ୟାଚ୍‌ରେ ଆଇପିଏଲ୍ ଦଳ ପଞ୍ଜାବ କିଙ୍ଗ୍ସର ରେକର୍ଡ ମଧ୍ୟ ଭାଙ୍ଗିଯାଇଛି।

ନିକୋଲାସ ପୂରନଙ୍କ ମାତ୍ର ୩୧ ବଲରେ ଶତକ ଯୋଗୁଁ ଏମ୍‌ଆଇ ନ୍ୟୁୟର୍କ ୱାଶିଂଟନ୍ ସମ୍ମୁଖରେ ୨୬୭ ରନର ବିଶାଳ ଲକ୍ଷ୍ୟ ରଖିଥିଲା। ପୂରନଙ୍କ ଏହି ଶତକ ଏମ୍‌ଏଲ୍‌ସି ଇତିହାସରେ ସବୁଠାରୁ ଦ୍ରୁତ ଶତକ ଭାବେ ରେକର୍ଡ ହୋଇଛି।

ଲକ୍ଷ୍ୟର ପିଛା କରିବାକୁ ଯାଇ ୱାଶିଂଟନ୍ ଫ୍ରିଡମ୍‌ର ଆରମ୍ଭ ଅତ୍ୟନ୍ତ ଖରାପ ହୋଇଥିଲା। ମାତ୍ର ୩ ଓଭର ମଧ୍ୟରେ ଦଳ ୧୦ ରନରେ ୨ଟି ୱିକେଟ୍ ହରାଇଥିଲା। କିନ୍ତୁ ଏହା ପରେ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଏବଂ ୱିକେଟ୍‌କିପର ଆଣ୍ଡ୍ରିଜ୍ ଗାଉସ୍ ମିଶି ତୃତୀୟ ୱିକେଟ୍ ପାଇଁ ମାତ୍ର ୮୯ ବଲରେ ୨୪୧ ରନର ବିଶ୍ୱ ରେକର୍ଡ ଭାଗୀଦାରି କରିଥିଲେ।

ଗାଉସ୍ ୫୨ ବଲରେ ୧୩୨ ରନର ବିସ୍ଫୋରକ ପାଳି ଖେଳିଥିଲେ। ତାଙ୍କ ଇନିଂସରେ ୧୦ଟି ଚୌକା ଓ ୧୨ଟି ଛକା ସାମିଲ ଥିଲା। ଏହି ଅସାଧାରଣ ପ୍ରଦର୍ଶନ ପାଇଁ ତାଙ୍କୁ 'ପ୍ଲେୟର ଅଫ୍ ଦି ମ୍ୟାଚ୍' ଚୟନ କରାଯାଇଥିଲା।

**ମ୍ୟାଚ୍‌କୁ ଫିନିଶ୍ କଲେ ଷ୍ଟିଭ୍ ସ୍ମିଥ୍**

ଗତବର୍ଷର ଫାଇନାଲରେ ଏମ୍‌ଆଇ ନ୍ୟୁୟର୍କ ବିଜୟୀ ହୋଇଥିଲା। ତେବେ ଏଥର ଷ୍ଟିଭ୍ ସ୍ମିଥ୍ ପାସା ପଲଟି ଦେଇଛନ୍ତି। ସ୍ମିଥ୍ ୪୮ ବଲରେ ୧୧୦ ରନ କରି ଅପରାଜିତ ରହିଥିଲେ। ତାଙ୍କ ଧମାକାଦାର ପାଳି ବଳରେ ୱାଶିଂଟନ ଫ୍ରିଡମ୍ ମାତ୍ର ୧୮.୪ ଓଭରରେ ଲକ୍ଷ୍ୟ ହାସଲ କରିଥିଲା। ଏହି ବିଜୟ ସହ ଦଳର ଟାଇଟଲ୍ ଡିଫେଣ୍ଡ କରିବାର ଅଭିଯାନ ଜାରି ରହିଛି।

**ପଞ୍ଜାବ କିଙ୍ଗ୍ସର ରେକର୍ଡ ଭାଙ୍ଗିଲା**

ୱାଶିଂଟନ ଫ୍ରିଡମ୍ ଏହି ବିଜୟ ସହ ଟି-୨୦ କ୍ରିକେଟରେ ସବୁଠାରୁ ବଡ଼ ସଫଳ ରନ୍‌ଚେଜ୍‌ର ରେକର୍ଡ ନିଜ ନାମରେ କରିଛି। ଏହା ପୂର୍ବରୁ ଏହି ରେକର୍ଡ ପଞ୍ଜାବ କିଙ୍ଗ୍ସ ନାମରେ ଥିଲା। ଆଇପିଏଲ୍ ୨୦୨୬ରେ ପଞ୍ଜାବ କିଙ୍ଗ୍ସ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୨୬୫ ରନର ଲକ୍ଷ୍ୟ ସଫଳତାର ସହ ପିଛା କରିଥିଲା। ଏହା ପୂର୍ବରୁ ୨୦୨୪ରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ୨୬୨ ରନର ଲକ୍ଷ୍ୟ ହାସଲ କରି ପଞ୍ଜାବ ରେକର୍ଡ ସୃଷ୍ଟି କରିଥିଲା।

ଦିଲ୍ଲୀର ସେହି ଐତିହାସିକ



ମ୍ୟାଚ୍‌ରେ କ'ଣ ଘଟିଥିଲା ?

ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କେଏଲ୍ ରାହୁଲଙ୍କ ଅପରାଜିତ ୧୫୨ ରନର ଐତିହାସିକ ପାଳି ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ୨୬୪/୨ ରନ କରିଥିଲା।

ଜବାବରେ ପଞ୍ଜାବ କିଙ୍ଗ୍ସ ପାୱାରପ୍ଲେରେ ପ୍ରଭସିମରନ ସିଂହ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ଧମାକାଦାର ବ୍ୟାଟିଂ ବଳରେ ୧୧୬ ରନ ସଂଗ୍ରହ କରି ବିଜୟର ଭିତ୍ତି ପ୍ରସ୍ତୁତ କରିଥିଲା। ପରେ ଶ୍ରେୟସ ଆୟର ୩୬ ବଲରେ ଅପରାଜିତ ୭୧ ରନ କରି ଦଳକୁ ବିଜୟ ଦେଇଥିଲେ। ପଞ୍ଜାବ କିଙ୍ଗ୍ସ ୭ଟି ବଲ୍ ବାକି ଥାଇ ଏହି ରୋମାଞ୍ଚକର ମ୍ୟାଚ୍ ଜିତିଥିଲା।

# ଏମଏଲ୍‌ସିରେ ନିକୋଲାସ ଝଡ଼, ଭାଙ୍ଗିଲେ ରେକର୍ଡ

**ନୂଆଦିଲ୍ଲୀ,୧୬/୦୭:** ନିକୋଲାସ ପୁରନ୍ ମେଜର ଲିଗ୍ କ୍ରିକେଟରେ ଦ୍ରୁତତମ ଶତକର ରେକର୍ଡ ଭାଙ୍ଗିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କର ଅଧିନାୟକ ୱାଶିଂଟନ୍ ଫ୍ରିଡମ୍ ବିପକ୍ଷ ମ୍ୟାଚ୍ ରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ, ଟି-୨୦ ଫର୍ମାଟରେ ଖେଳାଯାଉଥିବା ମେଜର ଲିଗ୍ କ୍ରିକେଟରେ ଦ୍ରୁତତମ ଶତକର ରେକର୍ଡ ନ୍ୟୁଜିଲ୍ୟାଣ୍ଡର ଫିନ୍ ଆଲେନଙ୍କ ନାମରେ ଥିଲା। କିନ୍ତୁ ୱେଷ୍ଟଇଣ୍ଡିଜ ବ୍ୟାଟର ନିକୋଲାସ ପୁରନ୍ ଶତକ ପୂରଣ କରିବା ପାଇଁ ୪ବଲ କମ୍ ଖେଳି ଫିନ୍ ଆଲେନଙ୍କ ରେକର୍ଡ ଭାଙ୍ଗିଛନ୍ତି । ପୁରନଙ୍କ ଧୂଆଁଧାର ଇନିଂସ ଆଧାରରେ, ୱାଶିଂଟନ୍ ଫ୍ରିଡମ୍ ବିପକ୍ଷରେ ପ୍ରଥମେ ଖେଳି ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ମେଜର ଲିଗ୍ କ୍ରିକେଟରେ ସର୍ବାଧିକ ସ୍କୋରର ରେକର୍ଡ ମଧ୍ୟ ଭାଙ୍ଗିଛି ।

ନିକୋଲାସ ପୁରନ ଦ୍ରୁତତମ ଶତକ- ନିକୋଲାସ୍ ପୁରନ୍ ୩୩ ବଲ୍‌ରେ ୩୨୧.୨୧ ଷ୍ଟ୍ରାଇକ୍ ରେଟ୍‌ରେ ୧୦୬ ରନ୍ କରିଥିଲେ, ଯେଉଁଥିରେ ୧୩ଟି ଛକା ଏବଂ ୫ଟି ଚୌକା ସାମିଲ ଥିଲା। ପୁରନ୍ ୩୦



ବଲ୍‌ରେ ତାଙ୍କର ଶତକ ପୂରଣ କରିଥିଲେ, ମେଜର୍ ଲିଗ୍ କ୍ରିକେଟ୍ ଇତିହାସରେ ଦ୍ରୁତତମ ଶତକ ରେକର୍ଡ ସ୍ଥାପନ କରିଛନ୍ତି । ଫିନ୍ ଆଲେନ୍ ପୂର୍ବରୁ ୩୪ ବଲ୍‌ରେ ଏହି ମାଇଲଖୁଣ୍ଟ ଛୁଇଁ ଦ୍ରୁତତମ ଶତକର ରେକର୍ଡ କରିଥିଲେ । ନିକୋଲାସଙ୍କ ୫ମ ଟି-୨୦ ଶତକ- ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ କେବଳ ୯ରନରେ ୱାଶିଂଟନ ଫ୍ରିଡମ ବିପକ୍ଷରେ ପ୍ରଥମ ପରାସ୍ତ ହୋଇଥିଲା, ଯାହା ପରେ କ୍ରିଜରେ ଆସିଥିବା ନିକୋଲାସ ପୁରନ ନିଜର ଉପସ୍ଥିତି ଜାହିର କରିଥିଲେ। ସେ ୧୪ ବଲ୍ ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ ଏବଂ ପରବର୍ତ୍ତୀ ୧୬ ବଲ୍ ରେ ଆଉ ଏକ ଟି-୨୦ ଶତକ ଲେଖିଥିଲେ । ଏହା ତାଙ୍କ ଟି-୨୦ କ୍ୟାରିୟରର ପଞ୍ଚମ ଶତକ।

# ୨୦୨୭ ବିଶ୍ୱକପ ଢାଞ୍ଚା ବଦଳିଲା



**ନୂଆଦିଲ୍ଲୀ, ୧୬।୦୭:** ୨୦୨୭ ଦିନିକିଆ ବିଶ୍ୱକପକୁ ନେଇ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଓଉଉ) ଏକ ବଡ଼ ନିଷ୍ପତ୍ତି ନେଇଛି। ଓଉଉ ବୋର୍ଡ ବୈଠକରେ ୨୦୨୭ ବିଶ୍ୱକପ ପାଇଁ ନୂଆ ଫର୍ମାଟକୁ ଅନୁମୋଦନ କରାଯାଇଛି। ପ୍ରଥମ ଥର ପାଇଁ 'ସୁପର ସିରିଜ୍' ଏବଂ 'ସୁପର-୭' ଫର୍ମାଟକୁ ବିଶ୍ୱକପରେ ସାମିଲ କରାଯିବ।

ନୂଆ ଫର୍ମାଟ ଅନୁଯାୟୀ, ୨୦୨୭ ଡ଼ଉଓ ବିଶ୍ୱକପରେ ମୋଟ ୧୪ଟି ଦଳ ଅଂଶଗ୍ରହଣ କରିବେ। ସମଗ୍ର ଟୁର୍ଣ୍ଣାମେଣ୍ଟ ୩ଟି ପର୍ଯ୍ୟାୟରେ ଆୟୋଜିତ ହେବ। ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟତା ତାଲିକାର ୧୨, ୧୩ ଓ ୧୪ ନମ୍ବର ଦଳ ମଧ୍ୟରେ 'ସୁପର ସିରିଜ୍' ଖେଳାଯିବ। ଏହି ପର୍ଯ୍ୟାୟର ବିଜେତା ଦଳ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୧୧ଟି ଦଳ ସହ ଯୋଗଦେବ।

ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ଦଳକୁ ୨ଟି ଗ୍ରୁପ୍‌ରେ ୬ଟି ଲେଖାଏଁ ଦଳ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ରାଉଣ୍ଡ-ରବିନ୍ ଆଧାରରେ ମ୍ୟାଚ୍ ଖେଳାଯିବ। ଏହାପରେ ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୩ଟି ଦଳ ସିଧାସଳଖ 'ସୁପର-୭' ପର୍ଯ୍ୟାୟକୁ ଉନ୍ନୀତ ହେବେ। ସପ୍ତମ ଦଳ ଭାବେ ଅବଶିଷ୍ଟ ୬ଟି ଦଳ ମଧ୍ୟରୁ ସର୍ବାଧିକ ପଏଣ୍ଟ ଥିବା ଦଳ ସ୍ଥାନ ପାଇବ। 'ସୁପର-୭' ପର୍ଯ୍ୟାୟରେ ସମସ୍ତ ଦଳ ସିଙ୍ଗଲ ରାଉଣ୍ଡ-ରବିନ୍ ଫର୍ମାଟରେ ମ୍ୟାଚ୍ ଖେଳିବେ। ଏହା ପରେ ପଏଣ୍ଟ ଟେବୁଲର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଦୁଇଟି ସେମିଫାଇନାଲ ପରେ ବିଜେତା ଦୁଇ ଦଳ ଫାଇନାଲରେ ମୁହାଁମୁହିଁ ହେବେ। ଓଉଉର ଏହି ନୂଆ ଫର୍ମାଟ ଟୁର୍ଣ୍ଣାମେଣ୍ଟକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚକର କରିବ ବୋଲି କ୍ରିକେଟ୍ ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି।

# ୨୦୨୭ ବିଶ୍ୱକପ୍ ପୂର୍ବରୁ ରୋହିତଙ୍କୁ ମିଳିଲା ଫ୍ରି' ହ୍ୟାଣ୍ଡ'

**ନୂଆଦିଲ୍ଲୀ, ୧୬।୦୭:** ୨୦୨୭ ଦିନିକିଆ ବିଶ୍ୱକପ୍‌କୁ ଲକ୍ଷ୍ୟ କରି ଭାରତୀୟ ଦଳ ପ୍ରସ୍ତୁତି ଜୋରଦାର କରିଛି। ଏହି ମିଶନ୍‌ରେ ଦଳର ଅଭିଜ୍ଞ ଓପନର ରୋହିତ ଶର୍ମାଙ୍କୁ ନେଇ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏକ ବଡ଼ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ଜୋର ଧରିଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ରୋହିତ ମାତ୍ର ୧୧ ରନ୍ କରି ଆଉଟ୍ ହୋଇଥିଲେ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ତାଙ୍କ ଉପରୁ ଆସ୍ଥା ହଟାଇ ନାହିଁ।

ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏଜବାଷ୍ଟନରେ ଭାରତର ୬ ୱିକେଟ୍ ବିଜୟ ପରେ ଗୌତମ ଗମ୍ଭୀର ଓ ରୋହିତ ଶର୍ମାଙ୍କ ମଧ୍ୟରେ ଏକ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ରୋହିତଙ୍କୁ ଭବିଷ୍ୟତକୁ ନେଇ ଚିନ୍ତା ନ କରି ନିଜର ସ୍ୱାଭାବିକ ଏବଂ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖିବାକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିବା କୁହାଯାଉଛି।

**ରୋହିତଙ୍କୁ ଫ୍ରି' ହ୍ୟାଣ୍ଡ'**

ସୂତ୍ର ଅନୁସାରେ, ଗୌତମ ଗମ୍ଭୀର ଚାହୁଁଛନ୍ତି ଯେ ରୋହିତ ପୂର୍ବଭଳି ନିର୍ଭୀକ ଭାବେ ବ୍ୟାଟିଂ କରନ୍ତୁ ଏବଂ ଦଳକୁ ଦ୍ରୁତ ଆରମ୍ଭ ଦିଅନ୍ତୁ। ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ତାଙ୍କୁ କୌଣସି ଚାପ ନେବାକୁ ବାରଣ କରାଯାଇଛି।

ଦଳର ଜଣେ ସୂତ୍ର କହିଛନ୍ତି, 'ରୋହିତ ଶର୍ମା ସୀମିତ ଓଭର କ୍ରିକେଟରେ ଭାରତ ପାଇଁ ଅନେକ ଅବଦାନ ରଖିଛନ୍ତି। କୋଚ୍ ଚାହୁଁଛନ୍ତି ସେ ନିଜ କ୍ୟାରିୟର ଭଳି ସ୍ୱାଧୀନ ଓ ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରନ୍ତୁ।'

**ଦୁଇଟି ମ୍ୟାଚରେ ନିରାଶ କଲେ**

ବର୍ମିଂହାମରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ରୋହିତ ୨୧ଟି ବଲ୍‌ରୁ ମାତ୍ର ୧୧ ରନ୍ କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୫୨.୩୮ ଥିଲା। ଦ୍ୱିତୀୟ ଦିନିକିଆରେ ମଧ୍ୟ ବଡ ସ୍କୋର



କରିବାରେ ବିଫଳ ହୋଇଛନ୍ତି। ମାତ୍ର ୨୬ ରନ କରି ଆଉଟ ହୋଇଥିଲେ। ଏହା ପରେ ସୋସିଆଲ ମିଡିଆରେ ତାଙ୍କ ବ୍ୟାଟିଂକୁ ନେଇ ସମାଲୋଚନା ଆରମ୍ଭ ହୋଇଛି। ତେବେ ଟିମ୍ ମ୍ୟାନେଜମେଣ୍ଟର ମତ ହେଉଛି, ଏଭଳି ଅଭିଜ୍ଞ ଖେଳାଳିଙ୍କୁ ବାରମ୍ବାର ସମାଲୋଚନା କରିବା ପରିବର୍ତ୍ତେ ମାନସିକ ସମର୍ଥନ ଦେବା ଆବଶ୍ୟକ।

**୨୦୨୭ ବିଶ୍ୱକପ୍‌କୁ ନେଇ ଚର୍ଚ୍ଚା**

୨୦୨୭ ଦିନିକିଆ ବିଶ୍ୱକପ୍ ବେଳକୁ ରୋହିତଙ୍କ ବୟସ ୩୯ ବର୍ଷ ହେବ। ତେଣୁ ସେ ବିଶ୍ୱକପ୍ ଖେଳିବେ କି ନାହିଁ, ତାହାକୁ ନେଇ ଲଗାତାର ଚର୍ଚ୍ଚା ଚାଲିଛି। ତେବେ ସୂତ୍ର ସ୍ପଷ୍ଟ କରିଛି ଯେ ଗମ୍ଭୀରଙ୍କ ବର୍ତ୍ତମାନର ରଣନୀତିର ସହ ରୋହିତଙ୍କ ଭବିଷ୍ୟତ କିମ୍ବା ୨୦୨୭ ବିଶ୍ୱକପ୍ ଚୟନର କୌଣସି ସିଧାସଳଖ ସମ୍ପର୍କ ନାହିଁ।

ସୂତ୍ର କହିଛି, 'ଭବିଷ୍ୟତରେ କ'ଣ ହେବ, ତାହା କେହି ଜାଣିନାହାନ୍ତି। ବର୍ତ୍ତମାନ ଆମର ସମସ୍ତ ଧ୍ୟାନ ବର୍ତ୍ତମାନ ପ୍ରଦର୍ଶନ ଉପରେ। ରୋହିତ ଯେତେବେଳେ ପଡ଼ିଆକୁ ଓହ୍ଲାଇବେ, ସେତେବେଳେ ତାଙ୍କ ମନ ସମ୍ପୂର୍ଣ୍ଣ ଚାପମୁକ୍ତ ରହୁ ବୋଲି ଆମେ ଚାହୁଁଛୁ।'

**ଯୁବ ଖେଳାଳିଙ୍କ ଠାରୁ ଚ୍ୟାଲେଞ୍ଜ**

ରୋହିତଙ୍କ ପାଇଁ ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଦଳରେ ସ୍ଥାନ ବଜାୟ ରଖିବା ସହଜ ହେବ ନାହିଁ। ଇଶାନ କିଶନ ଓ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଯୁବ ଓପନରମାନେ ଭଲ ପ୍ରଦର୍ଶନ କରୁଛନ୍ତି। ଯଦି ରୋହିତ ଆହତ ହୁଅନ୍ତି କିମ୍ବା ଫର୍ମ ହରାନ୍ତି, ତେବେ ଏହି ଯୁବ ଖେଳାଳିମାନେ ତାଙ୍କ ସ୍ଥାନ ଦଖଲ କରିପାରନ୍ତି।

ଏବେ ସମସ୍ତଙ୍କ ନଜର ରହିଛି ଯେ, ଗୌତମ ଗମ୍ଭୀରଙ୍କଠାରୁ ମିଳିଥିବା ଏହି 'ଫ୍ରି ହ୍ୟାଣ୍ଡ'କୁ ରୋହିତ ଶର୍ମା କିଭଳି ବ୍ୟବହାର କରୁଛନ୍ତି ଏବଂ ଆଗାମୀ ମ୍ୟାଚ୍‌ଗୁଡ଼ିକରେ କେମିତି ପ୍ରଦର୍ଶନ କରୁଛନ୍ତି।

**Owned & Published by** Sudhanshu Shekhar Rout, Printed at Mayur Offset Printers, D-1/1, Sector-A, Zone- D, Mancheswar Industrial Estate Bhubaneswar – 751010, Dist – Khordha, Odisha & Published at Plot: (873/3157/3901) **Focus House**, Baramunda, Nilakantheswar Road, Bhubaneswar-751003, Dist- Khordha, Odisha
**Mob No- 94376 03563, Email Id: info@anchalikakhabar.in(Advt.), news@anchalikakhabar.in (News)**
ସଂପାଦକ - ସୁଧାଂଶୁ ଶେଖର ରାଉତ
All disputes are subject to Bhubaneswar Judicial jurisdiction only
Editor: **Sudhanshu Shekhar Rout**